ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US ON TWITTER
twitter.com/paryabekhyak

Vol.25 . No.230 Bhubaneswar Tuesday November 01 2022 | ୨୫ତମ ବର୍ଷ ସଂଖ୍ୟା-୨୩୦ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୦୧, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ଧାମନଗରରେ ନବୀନଙ୍କ ଭର୍ଚୁଆଲ ପ୍ରଚାର: ଭୋଟରଙ୍କୁ ଦେଲେ ଲଲିପପ୍



ଭୁବନେଶ୍ୱର, ୩୧।୧୦(ପି.ଏନ): ଧାମନଗର ଉପନିର୍ବାଚନ ପାଇଁ ଆସନ୍ତାକାଲି ପ୍ରଚାର ଶେଷ ହେଉଥିବାବେଳେ ଆଜି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ଭର୍ଚୁଆଲ ମୋଡରେ ଧାମନଗରର ୧୩ଟି ସ୍ଥାନରେ ନବୀନ ଦଳୀୟ ପ୍ରାର୍ଥୀ ଅବନ୍ତୀ ଦାସଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଆଉ ନିଜର ପୁରୁଣା ଢଙ୍ଗରେ ନିର୍ବାଚନମଣ୍ଡଳୀ ଦାୟିତ୍ୱ ସେ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପୂର୍ବରୁ ପାଟକୁରା ସମେତ ବିଜେପୁର, ପିପିଲି ଓ ବାଲେଶ୍ୱର ଆଦି ବିଧାନସଭା ଉପନିର୍ବାଚନରେ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ଏଭଳି ପ୍ରତିଶ୍ରୁତି ନବୀନ ଦେଇଥିଲେ ମଧ୍ୟ ସେସବୁ ସ୍ଥାନରେ ଅପେକ୍ଷାକୃତ ଅଧିକ ବିକାଶ କ'ଣ ହୋଇଛି ଓ କିଭଳି ଦାୟିତ୍ୱ ସେ ତୁଲାଇଛନ୍ତି ତାହା ଏପର୍ଯ୍ୟନ୍ତ ଜଣାପଡିନି । ତେବେ ନବୀନଙ୍କ ଧାମନଗରବାସୀଙ୍କୁ ଏହି ରାଜନୀତିକ ଲଲିପପକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି ।ଆଜି ଧାମନଗର ନିର୍ବାଚନମଣ୍ଡଳୀର ତିହିଡି ବ୍ଲକର ୨ଟି ଜୋନରେ ୪ଟି ସଭା, ଧାମନଗର ବ୍ଲକର ୪ଟି ଜୋନରେ ୮ଟି ସଭା ଓ ଧାମନଗର ଏନଏସିରେ ଗୋଟିଏ ସଭା କରିଥିବା ବିଜେଡିର ଏହି ସଭାରେ ଭର୍ଚୁଆଲ ମୋଡରେ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ନବୀନ ପ୍ରଚାର କରିଥିଲେ । ଗତ ପଂଚାୟତ ଓ ପୌର ନିର୍ବାଚନରେ ବିଜେଡି ସପକ୍ଷରେ ବିପୁଳ ଜନସମର୍ଥନ ମିଳିଥିବାରୁ ଓ ଦଳ ବିଜୟୀ ହୋଇଥିବାରୁ ଏହି ଧାରା ମଧ୍ୟ ଉପନିର୍ବାଚନରେ ବଜାୟ ରହିବ ବୋଲି ନବୀନ ଆଶା ବ୍ୟକ୍ତ କରିଛନ୍ତି । ନବୀନ କହିଥିଲେ ଯେ, ଏ ଉପନିର୍ବାଚନରେ ବି ସେ ବିଜୟ ଧାରା ଜାରି ରହିବ ଏବଂ ଧାମନଗରର ବିକାଶ ଆହୁରି ଆଗକୁ ବଢିବ । ବର୍ତ୍ତମାନ ସାଧାରଣ ନିର୍ବାଚନ ଆଉ ମାତ୍ର ୧୮ ମାସ ରହିଲା । ଏ ସମୟ ଭିତରେ ପାଂଚ ବର୍ଷର କାମ କରିପାରିବା । ଏହି ବିକାଶ କଥା ସେ ନିଜେ ଦେଖିବେ ଓ ଧାମନଗରର ବିକାଶ ଆହୁରି ଆଗକୁ ବଢିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, କାଳିଆ ଯୋଜନା ଓ ମିଶନ ଶକ୍ତିର ସଫଳତା ସମ୍ପର୍କରେ ନବୀନ ତାଙ୍କ ଭାଷଣରେ କହିବା ସହ ଜଣେ ମହିଳାଙ୍କୁ ବିଧାୟିକା ଭାବେ ସେ ଦେଖିବାକୁ ଚାହୁଁଛନ୍ତି । ମିଶନ ଶକ୍ତି ସେମାନଙ୍କୁ ନୂଆ ପରିଚୟ ଦେଇଛି । ମହିଳାମାନେ ସବୁ ଦାୟିତ୍ୱକୁ ସୁନ୍ଦର ଭାବେ ନିର୍ବାହ କରିପାରୁଛନ୍ତି । ମା' ମାନେ ସଶକ୍ତ ହେଉଛନ୍ତି ବୋଲି ନବୀନ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ, ବିଜୁ ଜନତା ଦଳ ସବୁବେଳେ, ସୁଖ ଦୁଃଖରେ ଆପଣମାନଙ୍କ ସାଥିରେ ଅଛି । ସବୁବର୍ଗର ଲୋକଙ୍କ କଲ୍ୟାଣ ପାଇଁ କାମ କରୁଛି । ଧାମନଗରବାସୀ ୨୦୧୯ ନିର୍ବାଚନରେ ଯେଉଁ ମତ ରଖିଥିଲେ, ୨୦୨୨ ପଂଚାୟତ ଓ ପୌର ନିର୍ବାଚନରେ ସେଥିରେ ପରିବର୍ତ୍ତନ କରିଛନ୍ତି । ଶଙ୍ଖ ଚିହ୍ନରେ ବିଶ୍ୱାସ ରଖିଛନ୍ତି । ଗତ ପଂଚାୟତ ଓ ପୌର ନିର୍ବାଚନରେ ଆପଣମାନେ ବିଜୁ ଜନତା ଦଳକୁ, ଶଙ୍ଖ ଚିହ୍ନକୁ ଯେଭଳି ବିପୁଳ ସମର୍ଥନ ଦେଇଛନ୍ତି, ସେବାର ସୁଯୋଗ ଦେଇଛନ୍ତି, ସେଥିପାଇଁ ଋଣୀ ବୋଲି ନବୀନ କହିଛନ୍ତି । ଏହାସହିତ ବିଜେଡି ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ନବୀନ ନିବେଦନ କରିବା ସହ ଧାମନଗର ନିର୍ବାଚନମଣ୍ଡଳୀର ବିକାଶ ଦାୟିତ୍ୱ ତାଙ୍କର ବୋଲି କହିଛନ୍ତି ।ଧାମନଗର ଉପନିର୍ବାଚନ ପାଇଁ ଆସନ୍ତାକାଲି ପ୍ରଚାରର ଶେଷଦିନ ଥିବାବେଳେ ଆଜି ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଗତ ବ୍ରଜରାଜନଗର ଉପନିର୍ବାଚନରେ ପ୍ରଚାର ମଇଦାନକୁ ଓହ୍ଲାଇ ନଥିବା ନବୀନ ଆଜି ଧାମନଗରରେ ଦଳ ପାଇଁ ପ୍ରଚାର କରିବା ସିଧାସଳଖ ଭାବେ ବିଜେଡିର ସ୍ଥିତି ଦୁର୍ବଳ ଥିବା ଦଳ ଆଶା-ଆଶଙ୍କା ମଧ୍ୟରେ ରହିଥିବାକୁ ପ୍ରମାଣିତ କରାଇଛି । ଦଳୀୟ ପ୍ରାର୍ଥୀ ଅବନ୍ତୀ ଦାସଙ୍କ ସପକ୍ଷରେ ପ୍ରଚାରରେ ସାମିଲ ବିଜେଡି ନେତାମାନେ ଯଦି ସ୍ଥିତି ସମ୍ଭାଳିପାରିବେ ନାହିଁ ତା'ହେଲେ ପ୍ରଚାର ମଇଦାନକୁ ନବୀନ ଓହ୍ଲାଇବେ ବୋଲି ବିଜେଡିର ବରିଷ୍ଠ ଉପସଭାନେତ୍ରୀ ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଗତ କିଛିଦିନ ତଳେ ଗଣମାଧ୍ୟମକୁ ବୟାନ ଦେଇଥିଲେ । ଆଜି ପ୍ରଚାରକୁ ନବୀନ ଓହ୍ଲାଇବା ପରେ ବିଜେଡି ଧାମନଗରରେ ଦୁର୍ବଳ ସ୍ଥିତିରେ ଥିବାର ପ୍ରମାଣିତ କରାଇଛି । ସୂଚନାଯୋଗ୍ୟ, ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ ପୂର୍ବରୁ ରାଜ୍ୟରେ ହୋଇଥିବା ଉପନିର୍ବାଚନଗୁଡିକରେ ସମାନ ଢଙ୍ଗରେ ସେସବୁ ବିଧାନସଭା ମଣ୍ଡଳୀର ବିକାଶର ଦାୟିତ୍ୱ ନିଜେ ନେବେ ବୋଲି ସେଠାର ଭୋଟରମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ବିଜେପୁର ଓ ପାଟକୁରା ନିର୍ବାଚନର ଦୀର୍ଘ ଦିନ ପରେ ସେଠାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗୋଟିଏ ପ୍ରତିନିଧି ଦଳ ପଠାଇ ଗଣମାଧ୍ୟମରେ ବାହାବା ନେବା ପରେ ସେଠାର ବିକାଶ କଥାକୁ ନିଜେ ନବୀନ ଭୁଲି ଯାଇଛନ୍ତି। ପିପିଲି ଓ ବାଲେଶ୍ୱରର ଦାୟିତ୍ୱ ନବୀନ କ'ଣ ତୁଲାଉଛନ୍ତି ଓ ସେଠାରେ ଅନ୍ୟ ନିର୍ବାଚନମଣ୍ଡଳୀଗୁଡିକ ତୁଳନାରେ ଅଧିକ କ'ଣ ବିକାଶ ହୋଇଛି ତାକୁ ନେଇ ବି ଚର୍ଚ୍ଚା ଆରମ୍ଭ ହୋଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତାକୁ କଟାକ୍ଷ, ଆସନ୍ତାକାଲି ପୁଣି ପ୍ରଚାର କରିବେ ଧର୍ମେନ୍ଦ୍ର




ଭୁବନେଶ୍ୱର,୩୧।୧୦(ପି.ଏନ): ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଧାମନଗରରେ ୧୩ଟି ନିର୍ବାଚନୀ ସଭାକୁ ଭର୍ଚୁଆଲ ମୋଡରେ ସମ୍ବୋଧିତ କରିବାକୁ ନେଇ ବିଜେପି କଟାକ୍ଷ କରିଛି । ବରିଷ୍ଠ ବିଜେପି ନେତା ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତାରେ କିଛି ନୂତନତ୍ୱ ନାହିଁ ଓ ଏହା ସ୍ୱାଭିମାନୀ ଧାମନଗରବାସୀଙ୍କୁ ପ୍ରଭାବିତ କରିବ ନାହିଁ ବୋଲି କହିଥିବାବେଳେ ଆସନ୍ତାକାଲି ପ୍ରଚାରର ଶେଷଦିନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁଣିଥରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ଜଣାପଡିଛି ।ବିରୋଧୀ ଦଳ ନେତା ଶ୍ରୀ ମିଶ୍ର କଟାକ୍ଷ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଜିର ଭିଡିଓ ବାର୍ତ୍ତା ସ୍ୱାଭିମାନୀ ଧାମନଗରବାସୀଙ୍କୁ ପ୍ରଭାବିତ କରିବ ନାହିଁ । ମୁଖ୍ୟମନ୍ତ୍ରୀ ତାଙ୍କ ରେକର୍ଡିଂ ଭିଡିଓ ବାର୍ତ୍ତାରେ ଯେଉଁ କଥାକୁ ଉଠାଇଛନ୍ତି ଏହି ବାର୍ତ୍ତାରେ କିଛି ନୂଆ ନାହିଁ । ବିଜେପୁରରେ ଦୁଇଟି ଉପନିର୍ବାଚନ, ପାଟକୁରା, ବାଲେଶ୍ୱର, ତିର୍ତ୍ତ?ାଲ, ପିପିଲି, ବ୍ରଜରାଜନଗର ଉପନିର୍ବାଚନ ସମୟରେ କହିଥିବା ସମାନ କଥାକୁ ମୁଖ୍ୟମନ୍ତ୍ରୀ ଦୋହରାଇଛନ୍ତି । ସ୍କ୍ରିପ୍ଟ ସମାନ, ରେକର୍ଡିଂ ସମାନ ଓ ପ୍ରସାରଣ ବି ସମାନ ଢଙ୍ଗରେ ହେଇଛି, ଯାହା ସ୍ୱାଭିମାନୀ ଧାମନଗରବାସୀଙ୍କ ସହ ଛଳନା ଭଳି ମନେ ହେଉଛି । ବିଗତ ଦିନରେ ଧାମନଗରବାସୀଙ୍କ ସହିତ ମୁଖ୍ୟମନ୍ତ୍ରୀ ଛଳନା କରିଥିବାରୁ ୨୦୧୯ ନିର୍ବାଚନରେ ବିଜେଡିକୁ ପରାସ୍ତ କରି ବିଜେପିର ନେତା ସ୍ୱର୍ଗୀୟ ବିଷ୍ଣୁ ସେଠୀଙ୍କୁ ଧାମନଗରବାସୀ ବିଜୟୀ କରିଥିଲେ ।ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତାରୁ ଲାଗୁଛି, ନିର୍ବାଚିତ ବିଧାୟକଙ୍କ ଦେହାବସାନ ହେଲେ ହିଁ ବିଜୁ ଜନତା ଦଳର ନେତାମାନେ ଦାୟିତ୍ୱ ନେବା ପାଇଁ ଆଗଭର ହୁଅନ୍ତି । ସା??ଚାରି କୋଟି ଓଡିଆଙ୍କର ପ୍ରତୀକ ବୋଲି ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀଙ୍କ ଏହା କ'ଣ ଅସଲ ଚେହେରା ବୋଲି ସେ ପ୍ରଶ୍ନ କରିଛନ୍ତି । ଏବେ ଓଡିଶାବାସୀ ଭଲ ଭାବରେ ଜାଣି ସାରିଲେଣି ଯେ, ମୁଖ୍ୟମନ୍ତ୍ରୀ ଯେଉଁ ଅଂଚଳର ଦାୟିତ୍ୱ ନେବାର ଘୋଷଣା କରନ୍ତି ସେ ଅଂଚଳରେ ବିକାଶ ତଳକୁ ଖସୁଥିବା ସେଠାକାର ଜନସାଧାରଣମାନେ ଅନୁଭବ କଲେଣି ।ଏହି ସରକାରରେ ପ୍ରଧାନମନ୍ତ୍ରୀ ଆବାସ କେଳେଙ୍କାରୀରେ ସ୍ୱର ଉତ୍ତୋଳନ କରିଥିବା ବିଜେପି କର୍ମକର୍ତ୍ତାଙ୍କୁ ହତ୍ୟା କରାଯାଇଛି । ନାରୀ ନିର୍ଯାତନା ଓ ଶିଶୁ ଅପରାଧରେ ଓଡିଶା ଦେଶରେ ସର୍ବାଗ୍ରେ ରହିଛି । ନିମାପଡାର ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାରେ ମନ୍ତ୍ରୀ ସମୀର ଦାଶଙ୍କୁ ଘଂଟ ଘୋଡାଇବା, ବହୁଚର୍ଚ୍ଚିତ ଅର୍ଚ୍ଚନା କେସରେ ତଦନ୍ତକୁ ବାଟମାରଣା କରି ନିଜ ଦଳର ନେତା ମନ୍ତ୍ରୀ ମାନଙ୍କୁ ସୁରକ୍ଷା ଦେଇ ନିଜେ ଚୁପ୍ ରହିବା, ଏହିଭଳି ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିର୍ବାହ କରନ୍ତି । ତେଣୁ ଧାମନଗରବାସୀ ବିଜେପି ସାଥୀରେ ଅଛନ୍ତି ଓ ରହିବେ ବୋଲି ସେ ଟ୍ୱିଟ୍ କରିଛନ୍ତି ।ଅନ୍ୟପକ୍ଷରେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୨୮ ଓ ୨୯ତାରିଖ ଦୁଇଦିନ ଧରି ଧାମନଗର ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ସପକ୍ଷରେ ପ୍ରଚାର କରିଥିବାବେଳେ ଆସନ୍ତାକାଲି ପୁଣିଥରେ ଶେଷଦିନରେ ଧୂସୁରୀର ବାସନ୍ତୀ ପଡିଆଠାରେ ଜନସଭାକୁ ସମ୍ବୋଧିତ କରିବେ । ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନକାୟକ ଭର୍ଚୁଆଲ ମୋଡରେ ଧାମନଗରରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବାବେଳେ ବିଜେପି ନେତା ଶ୍ରୀ ପଟ୍ଟନାୟକ ଆସନ୍ତାକାଲି ଆଉ ଥରେ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଭିକ୍ଷା କରିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି ।

## ଧାମନଗରରେ ଟଙ୍କା ବଂଟା ଯାଉଥିବା ଅଭିଯୋଗରେ ଭଦ୍ରକ ଏସପି ଅଫିସ ଆଗରେ ବିଜେପିର ଧାରଣା

ଭୁବନେଶ୍ୱର, ୩୧।୧୦(ପି.ଏନ): ଧାମନଗର ଉପନିର୍ବାଚନକୁ ପ୍ରଭାବିତ କରିବାକୁ ଟଙ୍କା ବଂଟା ଯାଉଥିବା ଅଭିଯୋଗରେ ବିଜେପି ପକ୍ଷରୁ ସୋମବାର ଦିନ ଭଦ୍ରକ ଏସପିଙ୍କ ଅଫିସ ଆଗରେ ଧାରଣା ଦିଆ ଯାଇଛି । ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଧାରଣାରେ ବସିଥିବା ଦେଖିବାକୁ ମିଳିଛି ।ବିଜେପି ପକ୍ଷରୁ କୁହା ଯାଇଛି ଯେ ଜିଲ୍ଲା ପ୍ରଶାସନର ସ୍ଥାଣୁତା ପ୍ରତିବାଦରେ ବିଜେପିର ଧାରଣା ଦିଆ ଯାଇଛି । ଉପନିର୍ବାଚନକୁ ପ୍ରଭାବିତ କରିବାକୁ ଟଙ୍କା ବଂଟା ଯାଉଥିବା ଅଭିଯୋଗ କରିବା ସହ ବିଜେପି ଧାମନଗର ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଦାବି କରିଛି ।

### ଭିଜିଲାନ୍ସ ସଚେତନତା ସପ୍ତାହ ଆରମ୍ଭ ହେଲା

ଭୁବନେଶ୍ୱର, ୩୧।୧୦ (ପି.ଏନ): ରାଜ୍ୟରେ ଭିଜିଲାନ୍ସ ସଚେତନତା ସପ୍ତାହ ଆଜି ଠାରୁ ଆରମ୍ଭ ହୋଇଛି ।ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଚ୍ଚୋଟତାର ଶପଥ ପାଠ କରାଇଛନ୍ତି । ମୁଖ୍ୟମନ୍ତ୍ରୀ ଭିଡିଓ କନଫ୍ରେନ୍ସିଂ ଜରିଆରେ ଏଥିରେ ସାମିଲ ହୋଇଥିଲେ । ଚଳିତ ଥରର ଥିମ୍ ରହିଛି ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ ।ଏଥିରେ ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଛାତ୍ରଛାତ୍ରୀ ଓ ରାଜ୍ୟ ସରକାରଙ୍କ କ୍ଷେତ୍ରାଧିକାରୀମାନେ ଯୋଡ଼ି ହୋଇଥିଲେ । ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପକ୍ଷରୁ ଭିଡିଓ କନଫରେନ୍ସିଂ ଜରିଆରେ ସବୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ବ୍ଲକ ଅଫିସକୁ ଯୋଡ଼ା ଯାଇଛି । ସଚୋଟତା ନେଇ ସରକାରୀ ଅଧିକାରୀମାନେ ଶପଥ ନେଇଥିଲେ । ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ଜିଲ୍ଲା ଓ ବ୍ଲକ ସ୍ତରରେ ସଭା ସାଙ୍ଗକୁ ବକ୍ତୃତା, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା କରାଯାଉଛି ।

## ପରିବାରର ୪ ମୃତଦେହ ମିଳିବା ମାମଲାର କାରଣ ଖୋଜୁଛି ପୁଲିସ୍



ବରଗଡ,୩୧।୧୦(ପି.ଏନ): କେଉଁ କାରଣରୁ ଘଟିଲା ବୀଭତ୍ସ ହତ୍ୟାକାଣ୍ଡ କିଏ ଓ କାହିଁକି ଗୋଟିଏ ବୁଣାକାର ପରିବାରର ୪ ଜଣଙ୍କୁ ହତ୍ୟା କଲା ୪ ଜଣଙ୍କ ମୃତଦେହ ମିଳିବା ପରେ ସାଧାରଣରେ ଏମିତି ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ମୃତ୍ୟୁର କାରଣ ଖୋଜୁଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍କର୍ଷରେ ପହଞ୍ଚି ପାରି ନାହିଁ।ବରଗଡ଼ ଜାଣ୍ଡୋଲ୍ ଗାଁର ଶେଷଦେବ ମେହର ହେଉଛନ୍ତି ଜଣେ ବୁଣାକାର। ତେଣୁ ପାରମ୍ପରିକ କୌଳିକ ବୃତ୍ତିକୁ ସମସ୍ତେ ଆପଣେଇ ନେଇଥିଲେ। ପରିବାରରେ ସେପରି କିଛି ଆର୍ଥିକ ସମସ୍ୟା ନଥିଲା। ପତ୍ନୀ, ବଡ଼ ଝିଅ ବୃନ୍ଦାବତୀ ଓ ପୁଅ ଅରବିନ୍ଦଙ୍କୁ ନେଇ ତାଙ୍କ ପରିବାର। ତେବେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ କ୍ଷୀରେଶ୍ୱରୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ ଶେଷଦେବ। ବୃନ୍ଦାବତୀ ଓ ଅରବିନ୍ଦ ପ୍ରଥମ ପତ୍ନୀଙ୍କ ଝିଅ ପୁଅ ହୋଇଥିବା ବେଳେ ଶିବାନୀ ଦ୍ୱିତୀୟ ପତ୍ନୀଙ୍କ ଝିଅ ।ବୃନ୍ଦାବତୀଙ୍କ କହିବା ଅନୁସାରେ, ବାହା ହେବାକୁ ଆଦୌ ରାଜି ହେଉନଥିଲେ ଅରବିନ୍ଦ। ଏହାକୁ ନେଇ ବେଳେବେଳେ ଅରବିନ୍ଦ ଓ ପରିବାର ମଧ୍ୟରେ ମତାନ୍ତର ଲାଗିରହୁଥିଲା। ତେଣୁ ଶିବାନୀଙ୍କ ବିବାହ ଠିକ୍ ହୋଇଥିଲା। କିଛିଦିନ ତଳେ ପୁଅ ଘରୁ ତାଙ୍କୁ ଦେଖିବାକୁ ଆସିଥିଲେ। ଜାତକ ସୁହିଁଥିଲା। ଆଜି ବିବାହ ପକ୍କା କରିବାକୁ ଆସିଥାନ୍ତେ ପୁଅ ପକ୍ଷ। କିନ୍ତୁ ଦୁର୍ଭାଗ୍ୟ ବୋହୂ ସାଜିବା ଆଗରୁ ଶବ ପାଲଟି ଗଲେ ଶିବାନୀ। ଦିନ କେଇଟା ପରେ ଯେଉଁ ଘରୁ କନ୍ୟା ବିଦା ହୋଇଥାନ୍ତା, ସେହି ଘରୁ ବାହାରିଛି ଚାରି ଚାରିଟି ଶବ ।ଶିବାନୀଙ୍କ ସହ ତାଙ୍କ ୫୫ ବର୍ଷୀୟ ବାପା ଶେଷଦେବ ମେହେର, ୪୮ ବର୍ଷୀୟା ମାଆ କ୍ଷୀରେଶ୍ୱରୀ ଓ ୨୮ ବର୍ଷୀୟ ଭାଇ ଅରବିନ୍ଦଙ୍କ ମୃତଦେହ ଉଦ୍ଧାର ହୋଇଛି। ତଳ ମହଲାରେ ଝୁଲନ୍ତା ଅବସ୍ଥାରେ ଅରବିନ୍ଦ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପା ଶେଷଦେବଙ୍କ ମୃତଦେହ ମିଳିଛି। ଦ୍ୱିତୀୟ ମହଲାରେ ମାଆ ଓ ଝିଅଙ୍କ ମୃତଦେହ ପଡ଼ି ରହିଥିଲା। ଘର ଭିତରରେ ଗୋଟିଏ ରକ୍ତ ଭିଜା ହାତୁଡି ମିଳିଥିବା ବେଳେ ସ୍କୁଟରରେ ରକ୍ତ ଛିଟା ପଡିଛି। ଏଥିରୁ ସନ୍ଦେହ କରାଯାଉଛି, ଅରବିନ୍ଦ ୩ ଜଣଙ୍କୁ ପ୍ରଥମେ ହତ୍ୟା ପରେ ନିଜେ ଆତ୍ମହତ୍ୟା କରିଥାଇପାରନ୍ତି। ପୁଲିସ୍ ମଧ୍ୟ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।ତେବେ ଏଠି ପ୍ରଶ୍ନ ଉଠୁଛି, ୩ ଜଣଙ୍କୁ ହତ୍ୟା କରି କାହିଁକି ନିଜେ ଜୀବନ ହାରିଲେ ଅରବିନ୍ଦ? ସାବତ ମାଆଙ୍କୁ ନେଇ ଲାଗି ରହୁଥିଲା କି ପାରିବାରିକ ବିବାଦ କୁହାଯାଉଛି, ଅରବିନ୍ଦ ବିଭିନ୍ନ ପ୍ରକାରର ବ୍ୟବସାୟ କରି ବିଫଳ ହୋଇଥିଲେ। ତେବେ ବ୍ୟବସାୟରେ ହତାଶ ହୋଇ ସେ ଏପରି କାଣ୍ଡ ଭିଆଇଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ତଦନ୍ତ କରୁନି ପୁଲିସ, କୁମ୍ଭକର୍ଣ୍ଣ ନିଦ୍ରାରେ ମୁଖିଆ: ବିଜେପି



ଭୁବନେଶ୍ୱର,୩୧।୧୦(ପି.ଏନ): ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଓ ଅର୍ଚ୍ଚନା ନାଗ ସେକ୍ସ ସ୍କାଣ୍ଡାଲ ମାମଲାର ସଠିକ୍ ତଦନ୍ତ ଦାବି କରି ବିଜେପି ଆଜି ନବୀନ ନିବାସ ଘେରାଉ ପାଇଁ ଉଦ୍ୟମ କରିବା ସହ କଡା ଭାଷାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛି । ରଙ୍ଗଶାଳାରେ ଓଡିଶା ଶାସନ ଓ କୁମ୍ଭକର୍ଣ୍ଣ ନିଦ୍ରାରେ ମୁଖିଆ ଥିବାରୁ ରାଜ୍ୟ ସରକାରଙ୍କୁ ଜାଗ୍ରତ କରାଇବା ଏବଂ ମୁଖିଆଙ୍କ ନିଦ ଭାଙ୍ଗିବାକୁ ଆଜିର ନବୀନ ନିବାସ ଘେରାଉ କରାଯାଇଛି ବୋଲି ବିଜେପି କହିଛି । ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲିବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ବିଜେପି ଚେତାବନୀ ଦେଇଛି । ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ସହ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମ୍ପୃକ୍ତି ଓ ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ କେଳେଙ୍କାରୀ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନିରବ ରହିଥିବାରୁ ଘଣ୍ଟ ଓ ଘଣ୍ଟା ବଜାଇ ମୁଖ୍ୟମନ୍ତ୍ରୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବାକୁ ନବୀନ ନିବାସ ଅଭିମୁଖେ ବିଜେପି ଯାଇଥିଲା । ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ଯେ, ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଓ ଅର୍ଚ୍ଚନା ନାଗଙ୍କ ବ୍ଲାକମେଲିଂରେ ବିଜେଡି ମନ୍ତ୍ରୀ, ବିଧାୟକଙ୍କ ସଂପୃକ୍ତିର ସମସ୍ତ ତଥ୍ୟ ପୁଲିସ ପାଖରେ ରହିଛି । କିନ୍ତୁ ରାଜ୍ୟ ପୁଲିସ ଓ ଓଡିଶା ସରକାର ସମସ୍ତ କଥା ଜାଣିବି କାହିଁକି ନୀରବ ବସିବା ସହ ତଦନ୍ତ କରୁନାହିଁ । ଏହି ୨ଟି ସମ୍ବେଦନଶୀଳ ଘଟଣାର ପ୍ରମାଣ ନଷ୍ଟ କରିବାକୁ ରାଜ୍ୟ ସରକାର ସମୟ ଗଡାଉଛନ୍ତି । ଅର୍ଚ୍ଚନା ନାଗ ୫ବର୍ଷ ଭିତରେ ପାଖାପାଖି ୧୦୦କୋଟି ସମ୍ପତ୍ତିର ଅଧିକାରୀ କିପରି ହେଲେ ତାହାର ଜବାବ ରାଜ୍ୟ ସରକାର ରଖନ୍ତୁ । ଅର୍ଚ୍ଚନାଙ୍କ ସହ ଶାସକ ଦଳର ନେତା, ମନ୍ତ୍ରୀଙ୍କ ସମ୍ପୃକ୍ତି ଫଟୋଗ୍ରାଫ ସହ ସ୍ପଷ୍ଟ ପ୍ରମାଣ ସାଧାରଣରେ ଘୁରିବୁଲୁଛି । କକ୍?ଟେଲ, ହନିଟ୍ରାପିଂ, ବ୍ଲାକମେଲିଂ ଓ କର୍ପ?ାରେସନ, ନେପୋଟିଜିମ୍?ର ଭଳି ସମସ୍ତ ବିଷୟକୁ ବାରମ୍ବାର ବିଜେପି ପ୍ରେସମିଟ୍ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛି କିନ୍ତୁ ମୁଖିଆ କୁମ୍ଭକର୍ଣ୍ଣ ନିଦ୍ରାରେ । ଓଡିଶାରେ ଆଇନଶୃଙ୍ଖଳା ବ୍ୟବସ୍ଥା ଧ୍ୱଂସ ହୋଇଗଲାଣି । ଭ୍ରଷ୍ଟାଚାରୀ, ଦୂରାଚାରୀ ଓ ଚରିତ୍ରହୀନ ସରକାର ଜାଗ୍ରତ ହୋଇ ଜନତାଙ୍କ ପ୍ରଶ୍ନର ଉତ୍ତର ଦିଅନ୍ତୁ ।ଓଡିଶାରେ ମହିଳାମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି ବିଜେଡିର ମନ୍ତ୍ରୀ, ବିଧାୟକ ଓ ନେତା । ଭାଇରାଲ ଅଡିଓ କ୍ଲିପରେ ଧର୍ମେନ୍ଦ୍ର ସାହୁ ନିଜ ମୃତ୍ୟୁର କାରଣ ପାଇଁ ଗଣଶିକ୍ଷାମନ୍ତ୍ରୀ ସମୀର ଦାଶ ଦାୟୀ ବୋଲି ସ୍ପଷ୍ଟ କରିଥିଲେ । ଶ୍ରୀ ଦାଶ ମଧ୍ୟ ସ୍ୱର୍ଗତଃ ସାହୁଙ୍କ ପତ୍ନୀଙ୍କୁ ଦୁଷ୍କର୍ମ କରିଥିବା ଅଡିଓ ପୁଲିସ ପାଖରେ ଅଛି । ଏଭଳି ୨ଟି ଯାକ ସମ୍ବେଦନଶୀଳ ଘଟଣାର ତଦନ୍ତକୁ ପୁଲିସ କାହା ଚାପରେ ଚାପି ଦେବାର ପ୍ରୟାସ କରୁଛି ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ନଚେତ୍ ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲିବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ବିଜେପି କହିଛି ।

## ବିଜେଡ଼ି ନେତାଙ୍କୁ ଘଂଟ ଘୋଡାଇବା ପାଇଁ ଫସଲ ବୀମାର ସୁଆଙ୍ଗ ରଚୁଛି ବିଜେଡ଼ି: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର ,୩୧।୧୦(ପି.ଏନ): ଧାମନଗରରେ ବିଜେଡ଼ିର ଟଙ୍କା ବଂଟାରୁ ମୁହଁ ଲୁଚାଇବା, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଘଟଣାରେ ମନ୍ତ୍ରୀ ସମୀର ଦାଶଙ୍କୁ ବଂଚାଇବା ଓ ଅର୍ଚ୍ଚନା ମାମଲାରେ ସମ୍ପୃକ୍ତ ବିଜେଡ଼ି ନେତାଙ୍କୁ ଘଂଟ ଘୋଡାଇବା ପାଇଁ ବିଜେଡ଼ି ଫସଲ ବୀମାର ସୁଆଙ୍ଗ ରଚୁଛି ବୋଲି ଗଣମାଧ୍ୟମକୁ କହିଛନ୍ତି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ।ଶ୍ରୀ ହରିଚନ୍ଦନ ଗଣମାଧ୍ୟମକୁ କହିଛନ୍ତି ଯେ, କୃଷି ବୀମା ଯୋଜନା ପ୍ରାକୃତିକ ଦୁର୍ବିପାକ ଓ ରୋଗପୋକ ଦାଉରୁ ଫସଲ ନଷ୍ଟ ହେଲେ ଚାଷୀ ମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଉଦ୍ଦିଷ୍ଟ । ବୀମା କମ୍ପାନୀ ଏବଂ ଚାଷୀ ମାନଙ୍କ ମଧ୍ୟରେ ବୀମାରାଶିକୁ ନେଇ ସମସ୍ୟା ଉପୁଜିଲେ କେନ୍ଦ୍ର ସରକାର ସଂଶୋଧିତ ପରିଚାଳନା ନିୟମାବଳୀ ପ୍ରସ୍ତୁତ କରିଛନ୍ତି । ଏହି ଗାଇଡ ଲାଇନ ଅଧିନରେ ରାଜ୍ୟସ୍ତରୀୟ ବୈଷୟିକ ପରାମର୍ଶ କମିଟି(ଏସଟିଏସି) ଦ୍ୱାରା ବିଚାର ହୋଇ ସମାଧାନ ହୋଇପାରିବ। ଉକ୍ତ କମିଟିରେ କୃଷି ବିଭାଗର ପ୍ରମୁଖ ସଚିବ, ରାଜ୍ୟର ବିଶ୍ୱବିଦ୍ୟାଳୟ ପ୍ରଫେସର, ଷ୍ଟେଟ୍ ରିମୋଟସେନ୍ସିଂର ବରିଷ୍ଠ ଅଧିକାରୀ ଓ ଆସିଏଆରର ପ୍ରତିନିଧି ରହିବାର ନିୟମ ରହିଛି ।କିନ୍ତୁ ଏହାକୁ ଅମାନ୍ୟ କରି ବିଜେଡ଼ି ସରକାର ନିୟମକୁ ଭାଙ୍ଗି ଜଣେ ଡାଇରେକ୍ଟର ସ୍ତରର ଅଧିକାରୀଙ୍କ ଦ୍ୱାରା ଏ ସମ୍ପର୍କୀତ ବିବାଦ ସମାଧାନ କରିବାକୁ ଉଦ୍ୟମ କରିବା ଲଜ୍ଜ୍ୟାଜନକ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏହି ପ୍ରସଙ୍ଗରେ ପତ୍ରାଳାପ ପରେ ରାଜ୍ୟ ସରକାରଙ୍କ ବୀମା ମାମଲା ଫଇସଲା କରି ନିର୍ଦ୍ଦେଶ ଜାରି କରିଛନ୍ତି । ଏ ସଂକ୍ରାନ୍ତରେ ସେପ୍ଟେମ୍ବର ୧୬ରେ କେନ୍ଦ୍ରକୁ ଚିଠି ଲେଖିବା ସହ ମୋଟ ୧୮୯ମାମଲା ସମାଧାନ ହୋଇ ପାରିନଥିବା ଉଲ୍ଲେଖ କରାଯାଇଛି। ଏହି ମୋଟ ୧୮୯ ମାମଲାର ତର୍ଜମା କରି କେନ୍ଦ୍ର ସରକାରଙ୍କ ବୈଷୟିକ ପରାମର୍ଶ କମିଟି ଆସନ୍ତା ନଭେମ୍ବର ୩ ତାରିଖରେ ବୈଠକ କରି ନିର୍ଣ୍ଣୟ ନେବା ପରେ ନିର୍ଦ୍ଦେଶନାମା ଜାରି କରିବେ । ସେ କହିଛନ୍ତି ଯେ ଚାଲି ନଜାଣି ବାଟର ଦୋଷ ଦେବା ବିଜେଡି ସରକାରର ଅଭ୍ୟାସଗତ ପରମ୍ପରା। ପ୍ରଥମେ ବିଜେଡ଼ି ସରକାର ନିୟମ କାନୁନ ଭାଙ୍ଗିବା କାରଣରୁ କୃଷି ବୀମା ମିଳିବାରେ ବିଳମ୍ବ ହୋଇଛି। ଅପରପକ୍ଷରେ ରାଜ୍ୟରେ ସମାଧାନ ହୋଇପାରିନଥିବା ମୋଟ ୧୮୯ ମାମଲା ଆସନ୍ତା ନଭେମ୍ବର ୩ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଷ୍ପତି ନିଆଯିବ ବୋଲି ଜଣାପଡିବା ପରେ ରାଜ୍ୟରେ ଚାଷୀ ମାନଙ୍କ ମଧ୍ୟରେ ବିଭ୍ରାଟ ସୃଷ୍ଟି କରାଯାଉଛି। ବିଜେଡି ସରକାର ନିଜେ ପଡିଥିବା ହରଡ଼ଘଣାରୁ ଦୃଷ୍ଟି ହଟାଇବା ପାଇଁ ଏହି ସୁଆଙ୍ଗ କରୁଛନ୍ତି ଓ ମିଛରେ କୃଷି ବୀମା ପ୍ରସଙ୍ଗ ଉଠାଉଛନ୍ତି ।ବାସ୍ତବ କଥା ହେଉଛି ଧାମନଗର ବିଧାନସଭା ଉପନିର୍ବାଚନରେ ବିଜେଡିର ମାଳ ମାଳ ଟଙ୍କା ବାଂଟିବାର ଚିତ୍ର ଗଣମାଧ୍ୟମରେ ପ୍ରସାରିତ ହେଉଛି। ମନ୍ତ୍ରୀ ସମୀର ଦାଶ ତାଙ୍କ ଦଳର ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ସହ ଜଡ଼ିତ ଯୌନ କେଳେଙ୍କାରୀ ନେଇ ବିଜେଡି ସରକାର ସମାଲୋଚନାର ଶିକାର ହୋଇଛନ୍ତି ଅର୍ଚ୍ଚନା ନାଗ କେଳେଙ୍କାରୀ ମାମଲାରେ ଶାସକ ଦଳର ମାଳ ମାଳ ମନ୍ତ୍ରୀ, ବିଧାୟକ, ନେତା ସାମିଲ ଅଛନ୍ତି । ମାତ୍ର ଏହି ସବୁ ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ପାଇଁ ଶାସକ ବିଜୁ ଜନତା ଦଳ କୃଷି ବୀମା ନ ମିଳିବା ନେଇ ସୁଆଙ୍ଗ କରି ଜନମତକୁ ବିଭ୍ରାନ୍ତି କରିବାକୁ ଅପଚେଷ୍ଟା କରୁଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

## ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଓ ଅର୍ଚ୍ଚନା ନାଗଙ୍କ ପ୍ରସଙ୍ଗରେ ନବୀନ ନିବାସ ଘେରିଲା ବିଜେପି

ଭୁବନେଶ୍ୱର ,୩୧।୧୦(ପି.ଏନ) ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଓ ଅର୍ଚ୍ଚନା ନାଗ ମାମଲାରେ ସମ୍ପୃକ୍ତ ମନ୍ତ୍ରୀ ଓ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାଜ୍ୟ ବିଜେପି ପକ୍ଷରୁ ସୋମବାର ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ଶହ ଶହ କର୍ମୀ ନବୀନ ନିବାସ ଆଡକୁ ଅଗ୍ରସର ହେଉଥିବା ବେଳେ ଭୁବନେଶ୍ୱର ଶିଶୁଭବନ ଛକ ଠାରେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ଫଳରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ବହୁ କର୍ମୀ ଆହତ ହୋଇଥିବା ବେଳେ କିଛି ପୋଲିସ୍ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ସୋମବାର ମଧ୍ୟାହ୍ନ ବେଳକୁ ବିଜେପି ରାଜ୍ୟ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ନବୀନ ନିବାସ ଆଡକୁ ଯାଇଥିଲା। ପୁରୀ ଜିଲ୍ଲା ଗୋପ ବ୍ଲକ ୧୧ନଂ ଜିଲ୍ଲା ପରିଷଦ ସଭ୍ୟ ସ୍ୱର୍ଗତଃ ଧର୍ମେନ୍ଦ୍ର ସାହୁ ମୃତ୍ୟୁ ସହିତ ଗଣଶିକ୍ଷାମନ୍ତ୍ରୀ ସମୀର ଦାଶଙ୍କ ସମ୍ପୃକ୍ତି ଓ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନୀରବ ରହିଥିବାରୁ ମୁଖ୍ୟମନ୍ତ୍ରୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବାକୁ ଘଂଟ, ଘଂଟା ବଜାଇଥିଲେ ବିଜେପି ନେତୃବୃନ୍ଦ । ସେହିପରି ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀଙ୍କ ମୁଖା ପିନ୍ଧି ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ଭିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ନଭେମ୍ବର ୧

# ସମୁଦ୍ର ତଳର ଦେଶ



ୟୁରୋପର ଉତ୍ତର-ପଶ୍ଚିମ ଉପକୂଳରେ ସମୁଦ୍ର ପ ନର ଅକ୍ଷ ଉପରେ (୧ ମିଟର), କିମ୍ବା ନିମ୍ନରେ ଥିବା ବୈଚିତ୍ର୍ୟପୂର୍ଣ୍ଣ ଦେଶର ନାମ ହଲାଣ୍ଡ ବା ନେଦରଲ୍ୟାଣ୍ଡ (ପାତାଳର ଦେଶ) । ଏହାର ଲୋକମାନେ ଡଚ ବା ଓଲନ୍ଦାଜ ନାମରେ ପରିଚିତ । ଏହି ଦେଶ ନିଜର ଫୁଲ, ପବନ କଳ, ବନ୍ଧ, କେନାଲ ଓ ସାଇକେଲ ପାଇଁ ବିଶ୍ୱପ୍ରସିଦ୍ଧ । ଇହୁଦୀ ଲେଖିକା ଆନା ଫ୍ରାଙ୍କ ନାଜୀମାନଙ୍କ ଦ୍ୱାରା ଏହି ଦେଶରେ ନିର୍ଯାତନା ଶିବିରରେ ରହିଥିଲେ ଓ ନିଜର ପ୍ରସିଦ୍ଧ ପୁସ୍ତକ, ଡାଆରୀ ଅର୍ଥ ଏ ୟଙ୍ଗ ଗାର୍ଲ ରଚନା କରିଥିଲେ । ଏହାର ଟ୍ୟୁଲିପ ଫୁଲକୁ ନେଇ ପ୍ରସିଦ୍ଧ ବ୍ଲାକ ଟ୍ୟୁଲିପ ବହି ଲେଖାହୋଇଛି । ବେଲଜିଅମ, ଲକ୍ସେମବର୍ଗ ଓ ହଲାଣ୍ଡକୁ ନେଇ ନିମ୍ନ ୟୁରୋପ ନାମରେ ନାମିତ କରାହୋଇଛି । ୟୁରୋପର ମୁଖ୍ୟ ନଦୀ ରାଇନ, ସିଡ଼, ମୁସ ଆଦି ଏହି ଦେଶ ଦେଇ ସାଗରରେ ପଡିଛନ୍ତି ଓ ପ୍ରଶସ୍ତ ମୁହାଣ ବା ଏଷ୍ଟୁଆରୀ ସୃଷ୍ଟି କରିଛନ୍ତି । ଦେଶର କ୍ଷେତ୍ରଫଳ ମାତ୍ର ୪୨ ହଜାର ବର୍ଗକିମି । ସେଥିରୁ ଭୂମି ୩୩ ହଜାର ବର୍ଗ କିମି । ଲୋକସଂଖ୍ୟା ପ୍ରାୟ ୧.୭ କୋଟି । ଜନସଂଖ୍ୟା ସାନ୍ଦ୍ରତା ବର୍ଗ କିମି ପ୍ରତି ୫୦୦ । କ୍ଷୁଦ୍ର ଦେଶ ହେଲେ ମଧ୍ୟ ଏହା ପୃଥିବୀର ଅଷ୍ଟମ ଆର୍ଥିକ ଶକ୍ତିଶାଳୀ ଦେଶ । । GDPରେ ସ୍ଥାନ ୧୭(୧.୨ ଟ୍ରିଲିଅନ) । ଖାଦ୍ୟଶସ୍ୟ ରପ୍ତାନୀରେ ମଧ୍ୟ ପ୍ରଥମ । ଏହାର ବନ୍ଦର ଆମଷ୍ଟରଡାମ ୟୁରୋପର ସବୁଠାରୁ ବ୍ୟସ୍ତବହୁଳ ବନ୍ଦର । ରୋଟରଡାମଠାରେ ପୃଥିବୀର ପ୍ରଥମ ଷ୍ଟକ ଏକ୍ସଚେଞ୍ଜ ଓ ଅର୍ଥନୀତିରେ ବୁଲ ଆଣ୍ଡ ବିଅର ଚିନ୍ତାଧାରା ଜନ୍ମ ନେଇଥିଲା । ଏହି ଦେଶ ଆଗରୁ ମହାସାଗର ଜଳ ଦ୍ୱାରା ପ୍ଲାବିତ ହେଉଥିଲା । ପିଟ କୋଇଲା ଖୋଳି ଅସଂଖ୍ୟ ନିମ୍ନଭୂମି ସୃଷ୍ଟି କରାଗଲା । ନଦୀମାନଙ୍କରେ ମଧ୍ୟ ବନ୍ୟା ଆସି ଜମି ସବୁ ବୁଡାଇ ଦେଉଥିଲା । ଫସଲ ହୋଇପାରିଲା ନାହିଁ । ପ୍ରକୃତି ବିରୁଦ୍ଧରେ ସଂଗ୍ରାମ କରି ଡଚମାନେ ବନ୍ଧ, ବାଡ. ଡାଇକ, ସ୍ଲୁଇସ କେନାଲମାନ ତିଆରି କରି ନିଜର ଦେଶକୁ ସୁରକ୍ଷା ଦେଲେ ଓ ଅଗଭୀର ସମୁଦ୍ର ତଳର ଜମିକୁ ଉଦ୍ଧାର କରି ନିଜ ଦେଶରେ ମିଶାଇଲେ । ଦେଶର ପ୍ରାୟ ୨୦ ଶତକଡା ଜମି ସମୁଦ୍ରରୁ ଉଦ୍ଧାର ହୋଇଛି । ଯାହା ଯୁଇଡରଜି ନାମରେ ପରିଚିତ ହୋଇଛି । ସବୁବେଳେ ପବନ ବହୁଥିବାରୁ କେଉଁ କାଳରୁ ସବୁଆଡେ ଅସଂଖ୍ୟ ପବନ କଳ ଦ୍ୱାରା ପାଣି ନିଷ୍କାସନ କରାଯାଏ । ଫଳରେ ପ୍ରଚୁର ଫସଲ ଅମଳ ହେଲା । ବନ୍ଧ କଡରେ ବହୁତ ଘାସ ମଧ୍ୟ ବଢି ଗୋପାଳନରେ ସାହାଯ୍ୟ କଲା । ସମୁଦ୍ରରୁ ପ୍ରଚୁର ମାଛ ମିଳେ । ସବୁଆଡେ ଟ୍ୟୁଲିପ ଫୁଲ ଲଗାଯାଏ । ଘାସ ମିଳୁଥିବାରୁ ଅସଂଖ୍ୟ ଗାଈ ରଖି ପ୍ରଚୁର କ୍ଷୀର ରପ୍ତାନୀ ହୁଏ । ଏକ କୌଶଳୀ ନାବିକ ଜାତି ରୂପେ ଏମାନେ ବିଶ୍ୱରେ ବିଖ୍ୟାତ । ମଧ୍ୟଯୁଗରେ (ସ୍ୱର୍ଣ୍ଣିମ ଯୁଗ-୧୭ ଶତାବ୍ଦୀ) ପୃଥିବୀର ଅନେକ ସ୍ଥାନରେ ସେମାନେ ଉପନିବେଶ ଓ ବାଣିଜ୍ୟ କୋଠୀମାନ ସ୍ଥାପନା କରିଥିଲେ । ଏସିଆର ଇଣ୍ଡୋନେସିଆ ଦ୍ୱୀପପୁଞ୍ଜ, ଦକ୍ଷିଣ ଆଫ୍ରିକା (ବୁଅର ଲାଣ୍ଡ, କେପ କଲୋନି), ଦକ୍ଷିଣ ଆମେରିକା, ଉତ୍ତର ଆମେରିକା, ତାଇୱାନ, ସୁରିନାମ ଓ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜରେ ଉପନିବେଶ ସ୍ଥାପନ କରିଥିଲେ । ଆମେରିକାର ମାନହାଟନଠାରେ ନିୟୁ ଆମଷ୍ଟରଡାମ ବସତି, ଦକ୍ଷିଣ ଆମେରକାରେ ବୋଅର ଲାଣ୍ଡ, ଦକ୍ଷିଣ ଆମେରିକାରେ ନିୟୁ ହଲାଣ୍ଡ ସ୍ଥାପନ କରିଥିଲେ । ୧୬୮୦ ମସିହା ବେଳକୁ ଡଚମାନଙ୍କର ୧୬ ହଜାର ଜାହାଜ ଥିଲା । ଆମଷ୍ଟରଡାମ ପୃଥିବୀର ସବୁଠାରୁ ଧନୀ ସହର ଥିଲା । ସେମାନଙ୍କ ଅଧିନରେ ଏବେ ମଧ୍ୟ କାରିବିଆନ ଦ୍ୱୀପପୁଞ୍ଜର କେତେକ ଦ୍ୱୀପ ରହିଅଛି ।

ବିଭିନ୍ନ ସମୟରେ ଏହା ରୋମାନ, ଭାଇକିଙ୍ଗ ଫ୍ରାନ୍ସ, ଜର୍ମାନ, ହୋଲି ରୋମାନ ଏମ୍ପାୟାର ଓ ସ୍ପେନର ଅନ୍ତର୍ଗତ ହୋଇଥିଲା । ୧୭୯୫ ମସିହାରେ ଏହା ସ୍ୱାଧିନ ହେଲା । ଦ୍ୱିତୀୟ ମହାଯୁଦ୍ଧରେ ଏହା ୫ ବର୍ଷ ପାଇଁ ଜର୍ମାନୀ ଦ୍ୱାରା ଅଧିକୃତ ହେଲା ଓ ଏଠାରେ ବହୁସଂଖ୍ୟକ ଇହୁଦୀଙ୍କୁ ହତ୍ୟା କରାଯାଇଥିଲା । ଆମରଷ୍ଟରଡାମ ବ୍ଲିଜ ନାମରେ ନାମିତ ବମ ମାଡ ଦ୍ୱାରା ସହର ଧ୍ୱଂସ ହୋଇଥିଲା । ଏଠାରେ ଏବେ ସାମ୍ବିଧାନିକ ରାଜତନ୍ତ୍ର ଚାଲୁଛି । ରାଜା ଏହାର ନାମମାତ୍ର ଶାସନ ମୁଖ୍ୟ । ପାର୍ଲିଆମେଣ୍ଟ ହାତରେ ସମସ୍ତ କ୍ଷମତା ଅଛି । ମଧ୍ୟଯୁଗରେ କାଥୋଲିକ ପ୍ରୋଟେଷ୍ଟାଂଟ ବିବାଦ ଏଠାରେ ତୀବ୍ର ଥିଲା । ହଜାର ହଜାର ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ବର୍ତ୍ତମାନ ସହନଶୀଳତା ଓ ପୃଥକତା ପ୍ରତିଷ୍ଠା ହୋଇଛି । ଦେଶରେ ସାମାଜିକ ସୁରକ୍ଷା, ମାନବିକ ଅଧିକାର ହାପିନେକ୍ସ ଇଣ୍ଡେକ୍ସ ଅତ୍ୟନ୍ତ ଉଚ୍ଚରେ । ପ୍ରେସ ସ୍ୱାଧୀନତା ମଧ୍ୟ ବେଶ ଭଲ । ଆଇନଶୃଂଖଳା ସୁଦୃଢ଼ । ବହୁଦିନରୁ ମୃତ୍ୟୁଦଣ୍ଡ ଉଠିଯାଇଛି । ଇଚ୍ଛାମୃତ୍ୟୁ ଅଧିକାର ଲୋକଙ୍କୁ ପ୍ରଦାନ କରାଯାଇଛି । ନାରୀମାନଙ୍କୁ ସଂପୂର୍ଣ୍ଣ ସ୍ୱାଧୀନତା ବହୁଦିନରୁ ମିଳିଛି । ଗର୍ଭପାତକୁ ଆଇନସମ୍ମତ କରାଯାଇଛି । କିଛିବର୍ଷ ତଳେ ସମୁଦ୍ର ଗର୍ଭରୁ ପ୍ରାକୃତିକ ଗ୍ୟାସ ମିଳିବା ପରେ ଏହାର ପ୍ରଚଣ୍ଡ ଆର୍ଥିକ ଅଭିବୃଦ୍ଧି ଘଟିଛି ।

**ଆମଷ୍ଟରଡାମ:** ଏହାକୁ ଉତ୍ତରର ଭେନିସ ବୋଲି କୁହାଯାଏ । ଦେଶର ଏହା ରାଜନୈତିକ ରାଜଧାନୀ ଓ ମୁଖ୍ୟ ସହର (ଲୋକ ସଂଖ୍ୟା ୮ ଲକ୍ଷ) ଆମଷ୍ଟାଲ ଡ୍ୟାମ କଡରେ ଥିବାରୁ ଏହାର ନାମ ଏପରି ହୋଇଛି । ଏହା ଆଲଫା ଗ୍ଲୋବାଲ ସିଟିର ମାନ୍ୟତା ପାଇଛି । ରହିବା ପାଇଁ ବିଶ୍ୱର ଏହା ଦ୍ୱିତୀୟ ସର୍ବୋତ୍ତମ ସହର । ଏଠାରେ ରିଜିକସ, ଭେନ ଗଫ, ସେଡଜିକ, ମ୍ୟୁଜିଅମ ଓ ପ୍ରସିଦ୍ଧ ହରମିଟେଜ ରହିଛି । ଏହାର ବନ୍ଧବାଡ ୟୁନେସ୍କୋ ହେରିଟେଜରେ ସ୍ଥାନ ପାଇଛି । ଏଠାରେ ବିଶ୍ୱପ୍ରସିଦ୍ଧ ଉବର, ନେଟଫ୍ଲିକ୍ସ ଟାସକ କମ୍ପାନୀର ମୁଖ୍ୟ ଦପ୍ତର ରହିଛି । ଏହି ସହରରେ ବେଶ୍ୟାବୃତି ଆଇନସମ୍ମତ ଥିବାରୁ ଏହାର ରେଡ ଲାଇଟ ଏରିଆରେ ପ୍ରବଳ ଭିଡ ହୁଏ ।

**ରୋଟର ଡ୍ୟାମ:** ଏହାକୁ ୟୁରୋପର ଦ୍ୱାର କୁହାଯାଏ । ସମସ୍ତ ଉଡାଜାହାଜ ଏହାର ବିମାନ ବନ୍ଦର ଦେଇ ଯାଏ । ଏଠାରେ ବିଶ୍ୱପ୍ରସିଦ୍ଧ ୟୁନି ଲିଭର, ସେଲ, ରେବକୋ ଭଳି କମ୍ପାନୀମାନଙ୍କର ମୁଖ୍ୟ ଦପ୍ତର ଅଛି । ପୃଥିବୀର ପ୍ରଥମ ଷ୍ଟକ ଏକ୍ସଚେଞ୍ଜ ଏଠାରେ ସ୍ଥାପିତ ହୋଇଥିଲା ।

**ଦି ହେଗ:** ଏହା ହଲାଣ୍ଡ ତଥା ପୃଥିବୀର ନ୍ୟାୟିକ ରାଜଧାନୀ । ଏଠାରେ ରାଜା ରୁହନ୍ତି । ଆର୍ନ୍ତଜାତିକ ବିଚାରାଳୟ ଓ ବିଭିନ୍ନ ଆର୍ବିଟେସନ କାଉନସିଲ ଏଠାରେ ଅଛି । ସମୁଦାୟ ୨୦୦ ଆର୍ନ୍ତଜାତିକ ଅନୁଷ୍ଠାନ ଏଠାରେ କାମ କରୁଛି । ଲୋକମାନଙ୍କର ଉଦ୍ୟମ ଓ ଅଧ୍ୟବସାୟ ବଳରେ ଗୋଟିଏ କ୍ଷୁଦ୍ର ଦେଶ କିପରି ବିଶ୍ୱର ଅଗ୍ରଣୀ ଦେଶରେ ପରିଣତ ହୁଏ, ହଲାଣ୍ଡ ତାହାର ଉଦାହରଣ ।

**ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮

## ଆଜିର ଅନୁଚିନ୍ତା

ସୂର୍ଯ୍ୟଙ୍କ ଭଳି ନିରପେକ୍ଷ ହୁଅ, ଗୋମାତା ଭଳି ଦୟାଶୀଳ ହୁଅ, ଫୁଲ ଭଳି ନିଜକୁ ହସ ହସ ରଖ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଓଡ଼ିଶାବାସୀ ଦୀନଦରିଦ୍ର କାହିଁକି ?

••••••••••••••ମାୟାଧର ନାୟକ••••••••••••••



ଭାରତବର୍ଷର ଗୋଟାଏ କଡରେ ଗାଆଁକନିଆ ସିଂଘାଣିନାକୀ ପରି ଦୀର୍ଘକାଳ ହେଲା ପଡିରହିଛି ଆମର ଏ ଓଡିଶା ଭୂଇଁ । ଏ ଦେଶର ଦରିଦ୍ର ରାଜ୍ୟ ଭାବରେ ଓଡିଶା ସଂପର୍କରେ ବେଶ୍ କିଛି ଲାଂଛନାର ଲିପି ଲେଖିଯାଇଛନ୍ତି ଗବେଷକମାନେ । ଓଡିଶାକୁ ନିଜ ଘର ପଛପଟର ଖଳାବାଡି ରୂପେ ଦୀର୍ଘକାଳ ଧରି ଦେଖି ଆସିଛନ୍ତି ଓଡିଆ ନେତାମାନେ । ଏ ଖଳାବାଡିରୁ ସେମାନେ ପ୍ରଚୁର ପନିପରିବା ବୁହାଇ ନେଇଛନ୍ତି ନିଜ ଅମାରକୁ, କିନ୍ତୁ ଯତ୍ନ ନେଇନାହାନ୍ତି କେବେ ତା'ର ।

ଓଡିଶା ପ୍ରାକୃତିକ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ । ଅଥଚ ଆମ ରାଜ୍ୟ ଦରିଦ୍ର, ଅନଗ୍ରସର, ପଛୁଆ – ଏଇ କଥା ଶୁଣି ଶୁଣି କାନ ତାବ୍‌ଦା ହୋଇଗଲାଣି । ସମସ୍ତେ କାନ୍ଦୁଛନ୍ତି, କିନ୍ତୁ କାହା ଆଖିରୁ ଲୁହ ବୁନ୍ଦେ ବୋହୁନାହିଁ । କୁମ୍ଭୀର କାନ୍ଦଣା । ଆମ ଜାଣିବା ଶୁଣିବା ବୋଲାଇ ହେଉଥିବା ନେତା-ବକ୍ତାମାନଙ୍କ ଘଡଘଡିନିନ୍ଦୀ ରଡିରେ ବରାବର ଘୋଷଣା କରାଯାଏ–ଦେଶୀବିଦେଶୀ ବ୍ୟବସାୟୀମାନେ ଓଡିଶାର ପ୍ରାକୃତିକ ସମ୍ପଦ, ଶସ୍ତା ଶ୍ରମ, ଜମି, ଜଳ ଉପରେ ଅଧିକାର ସାବ୍ୟସ୍ତ କରି ଆମକୁ ଦରିଦ୍ର ବୋଲି ଭାବିନେଇ ଖାତିର କରୁନାହାନ୍ତି । ବାସ୍ତବରେ ଆମର ପ୍ରିୟ ରାଜ୍ୟ ଓଡିଶା କ'ଣ ସତରେ ଦରିଦ୍ର ? ନା, ଦରିଦ୍ର ନୁହେଁ, ବରଂ ପ୍ରତାରିତ ! ଏଥିପାଇଁ ଦାୟୀ କିଏ ? ପ୍ରାକୃତିକ ସମ୍ପଦରେ ଭରପୂର ଓଡିଶା ଦରିଦ୍ର କାହିଁକି ? କେବେ ଓଡିଶାବାସୀ ନିଦରୁ ଉଠିବେ ? କେବେ ନିଜ ଅଧିକାର ସାବ୍ୟସ୍ତ କରିବେ ? କେବେ... କେବେ... କେବେ...!!

ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ଖଣିଜ ସମ୍ପଦରେ ଈର୍ଷଣୀୟ ଆସନର ଅଧିକାରୀ । ଏବେ ୪୦ଟି କମ୍ପାନୀ ଇସ୍ପାତ ଶିଳ୍ପ ପାଇଁ ଧାଡି ଲଗାଇଛନ୍ତି । ଆମ ଖଣି ଉପରେ ତାଙ୍କ ଲୋଲୁପ ଦୃଷ୍ଟି । କଳେବଳେ-ଛଳେ-କଉଶଳେ ଖଣି ହାତେଇବାରେ ବ୍ୟସ୍ତ । ଓଡିଶାରେ ଯେଉଁ କେତୋଟି ଶିଳ୍ପ ଗଢିଉଠିଛି, ସେଥିରେ ନିତାନ୍ତ ମାନ୍ଦାବସ୍ଥା । ବହୁ ଶିଳ୍ପ, କଳ-କାରଖାନା, ଖଣି-ଖାଦାନ ବନ୍ଦ ହୋଇଗଲାଣି । କାମ କରୁଥିବା ଲୋକେ ତ' ଛଟେଇ ହେବାର ପ୍ରକ୍ରିୟା ଜାରି ରହିଛି, ନୂଆ ଲୋକଙ୍କୁ କାମ ମିଳିବ କେଉଁଠୁ ? କୃଷିରେ ମାନ୍ଦା, ଶିଳ୍ପରେ ମାନ୍ଦା ହେଲେ ରାଜ୍ୟର ପ୍ରଗତି ସମ୍ଭବ କି ? ଯେଉଁ ଦେଶର ଖଣିଜ ସମ୍ପଦ ବିଦେଶକୁ ରପ୍ତାନୀ ହୁଏ, ସେ ଦେଶର ଲୋକଙ୍କ ଅର୍ଥନୈତିକ ଅବସ୍ଥା ସୁଧୁରେ ନାହିଁ । କଳକାରଖାନା ଗଢି ନଉଠିଲେ, କୃଷିର ବିକାଶ ନହେଲେ, ଏବଂ କର୍ମନିଯୁକ୍ତି ସୃଷ୍ଟି ନହେଲେ, ଲୋକେ ଅଭାବରେ ପଡି ସ୍ୱଭାବ ନଷ୍ଟ କରିବେ ହିଁ କରିବେ ।

ରାଜନୈତିକ ଉପେକ୍ଷା, ଉଦାସୀନତା, ଅନାଦର ଓ ଅବହେଳାର ଚରମ ଶିକାର– ଓଡିଶା ଭୂଇଁ । ପ୍ରକୃତିର ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ଏ ଭୂମିକୁ ସ୍ୱର୍ଣ୍ଣପ୍ରସୂ କରାଯାଇପାରିଥା'ନ୍ତା ଅତି ଅନାୟାସରେ, ଏକ କୃଷିପ୍ରଧାନ ରାଜ୍ୟ ସହିତ ଶିଳ୍ପସମୃଦ୍ଧ ରାଜ୍ୟ ରୂପେ ମୁଣ୍ଡ ଟେକିପାରିଥାନ୍ତା ଓଡିଶା । ମାତ୍ର ଶାସନରେ ଆସୀନ ହୋଇ ଆସିଥିବା ଓଡିଶାର ରାଜନୈତିକ କର୍ତାମାନେ ଏହାକୁ ଫଳବତି କରାଇପାରି ନାହାନ୍ତି କାହିଁକି–ଏ ପ୍ରସଙ୍ଗ ଏବେ ମଧ୍ୟ ସୃଷ୍ଟି କରୁଛି ପ୍ରଶ୍ନବାଚୀ । ସବୁପ୍ରକାର ପାରିପାର୍ଶ୍ୱିକ ଅନୁକୂଳତା ସତ୍ତ୍ୱେ ଓଡିଶାର ପ୍ରଗତି ଓ ଅଗ୍ରଗତି ପାଇଁ ଯେଉଁଭଳି ରାଜନୈତିକ ନିଷ୍ଠା ଓ ନିଷ୍ପତି ପ୍ରୟୋଜନ, ତାହା କ'ଣ ପ୍ରଦର୍ଶନ କରିପାରିଛନ୍ତି ଆମ ଓଡିଶା ନେତୃବର୍ଗ ?

ଆଜି ଓଡିଶାରେ ଯେଉଁ ଆଡକୁ ଅନାଇବା, ସେଆଡେ ଗଦା ଗଦା ସମସ୍ୟା । ପ୍ରକୃତିର ଗନ୍ତାଘର ଓଡିଶା ଆଜି ସମସ୍ୟାର ଗୋଦାମଖାନାରେ ପରିଣତ ହୋଇଛି । ସମସ୍ୟା ସମାଧାନ କରିବା ଦିଗରେ କୌଣସି ଚିନ୍ତା ନାହିଁ । ସମସ୍ୟା ସୃଷ୍ଟି କରିବାରେ ବରଂ ଆମର ତଥାକଥିତ ମଙ୍ଗୁଆଳମାନେ ଧୁରନ୍ଧର । ନାରୀ ନିର୍ଯାତନା, ଧର୍ଷଣ, ହତ୍ୟା, ଧର୍ମ ନାଆଁରେ ଅଧର୍ମ କର୍ମ କରିବାରେ ଓଡିଶା ପୃଥିବୀରେ ନାଁ କରିଗଲା ! ଆମ 'କରିତ୍‌କର୍ମା' ନେତାମାନେ ଦୂରଦର୍ଶନ, ସମ୍ବାଦପତ୍ର ପରି ଗଣମାଧ୍ୟମମାନଙ୍କରେ ଘନ ଘନ ଦୃଶ୍ୟମାନ ହେଲେ ।

ଓଡିଶା ରହିଯାଇଛି ଯେଉଁ ତିମିରେକୁ ସେଇ ତିମିରେ । ଅଥଚ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶର ପରିଚିତି ହାସଲ କରିବାରେ ସମଗ୍ର ଭାରତବର୍ଷରେ ଓଡିଶା ସର୍ବପ୍ରଥମ । ଭାଷା, ସାହିତ୍ୟ, ସଂସ୍କୃତି, କଳା, ଭାସ୍କର୍ଯ୍ୟର ବିଶାଳ ଐତିହ୍ୟ ଥାଇ – ଅନନ୍ୟ ପ୍ରକୃତିର ଅବାରିତ ଆଶୀର୍ବାଦ ପାଇ ସୁଦ୍ଧା ଓଡିଶା ଆଜି ଭାରତବର୍ଷର ଆପାଙ୍‌କ୍ତେୟ ଅପନ୍ତରାଟାଏ ଯେମିତି ! ବନ୍ଧଟାଏ କି ବନ୍ଦରଟାଏ ବନାଇଦେଇ ଓଡିଶା ପାଇଁ ବେଶ୍ କିଛି କରାଇପାରିଛନ୍ତି ବୋଲି ହୁରି ଛାଡିଛନ୍ତି ଆମର ତଥାକଥିତ ନେତୃପୁରୁଷ-ମାନେ । ମାତ୍ର ଓଡିଶା ପାଇଁ ବନ୍ଧ, ବନ୍ଦର, ରାଜପଥ, ରେଳପଥ, ପଂଚତାରକା ହୋଟେଲ କେତେଟା ନିର୍ମିତ ହୋଇଗଲେ କ'ଣ ସମୃଦ୍ଧିର ସ୍ୱର୍ଣ୍ଣଯୁଗଟାଏ ଆସିଗଲା ପ୍ରକୃତରେ ?

ଓଡିଶାକୁ ବମ୍ବେ କରିଦେବୁ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କରିଦେବୁ, ହଜାରେ ଶିଳ୍ପ ଗଢି ତୋଳିବୁ, ଜମିକୁ ପାଣି-ବେକାରୀଙ୍କୁ କାମ–ଏମିତି କେତେ ଧ୍ୱନି ଶୁଣି ଶୁଣି କାନ ଦଦରା ହୋଇଗଲାଣି, କେତେ ନେତା ଗଲେଣି, ଆଉ ଅନେକ ଅଛନ୍ତି ।

କିନ୍ତୁ ଏସବୁ ଧ୍ୱନି କେବଳ ପ୍ରତିଧ୍ୱନି ସୃଷ୍ଟି କରିବା ଛଡା ଆଉ କୌଣସି କାମରେ ଲାଗିପାରିନି ଓଡିଶାର । ଓଡିଶାର ଭାଗ୍ୟ ସେମିତି ଚାପି ହୋଇ ରହିଯାଇଛି ଗଦାଗଦା ପଥର ତଳେ ।

ଓଡିଶା ଭୂଇଁରେ ଓଡ଼ିଆ ଭାଷାର ଦୁର୍ଦ୍ଦଶା ଆଜି କହିଲେ ନ ସରେ । ପ୍ରତିବେଶୀ ପ୍ରଦେଶମାନଙ୍କର ଭାଷା-ସାହିତ୍ୟ କ୍ଷେତ୍ରରେ ନବଜାଗରଣର ଯେଉଁ କ୍ରାନ୍ତି ଆସିଛି, ତାହା ଲକ୍ଷ୍ୟ କଲେ ଲଜ୍ଜିତ ହେବାକୁ ପଡେ ଆମକୁ । ଅଥଚ ଆମେ କାଳେ ଏକ ବିଶାଳ ଐତିହ୍ୟର ଉତ୍ତରାଧିକାରୀ ! ନିଜ ଭୂମି, ନିଜ ଭାଷା, ନିଜ ସଂସ୍କୃତି ସଂପର୍କରେ କେତେଦୂର ସଚେତନ ଆମେସବୁ ?

ଓଡିଶାରେ ଆଜି ସାଂପ୍ରଦାୟିକ ଦଙ୍ଗା, ହତ୍ୟା, ଧର୍ଷଣ, ଯୌତୁକ-ଯାତନା, ଲାଂଚମିଛର ଫର୍ଦ୍ଦ ଲମ୍ବି ଲମ୍ବି ଚାଲିଚି – ବେକାରୀ ଆଉ ବେରୋଜଗାରୀ ବଢି ବଢି ଚାଲିଛି - ଯୁବପିଢି ପାଇଁ ସଠିକ୍ ସଡକଟିଏ ନାହିଁ ବାଟ ଚାଲିବାକୁ– ଭବିଷ୍ୟତର ଚେହେରା ଝାପ୍‌ସା – ସବୁଠି କୁହୁଳୁଚି ଅଶାନ୍ତ ଓ ଅସନ୍ତୋଷର ରଡ ନିଆଁ – ରାସ୍ତାଘାଟରେ ଗୁଣ୍ଡାରାଜ୍– ରାତି ବାରଟା ପରେ ସହରସବୁ ବିପନ୍ନ– ଦାଦାମାନେ ବାଂଟି ନେଉଛନ୍ତି ନିଜ ନିଜର ଇଲାକା ! ଏଭଳି ଶୋଚନୀୟ ପରିସ୍ଥିତି ପାଇଁ ଦାୟୀ କିଏ ?

ବର୍ତମାନ ସାରା ଓଡିଶାରେ-ଗାଁ-ଗଣ୍ଡା, ସହର, ବଜାର ସବୁଆଡେ ଚାଷୀ, ଶ୍ରମିକ, ଛାତ୍ର, ଯୁବକ, ମହିଳା, କୃଷିଶ୍ରମିକ ପ୍ରବଳ ଆଶାନ୍ତି, ଅସନ୍ତୋଷର ବହ୍ନିରେ ପ୍ରଜ୍ଜ୍ୱଳିତ । ସେମାନେ ଥରେ ଏକାଠି ହେଲେ, ସଠିକ୍ ନେତୃତ୍ୱ ମିଳିଲେ ସମସ୍ତଙ୍କୁ ସାବାଡ କରିଦେବେ । ହେଲେ ନେତା କାହିଁ ? ଯେଉଁ ନେତାମାନେ ଠାଏଁ ଠାଏଁ ସେମାନଙ୍କୁ ମତଉଛନ୍ତି– ତତଉଛନ୍ତି, ବାଟ ଜଣା ନଥିବାରୁ ଅବାଟରେ ନେଇ ହତାଶିଆ କରି ପକାଉଛନ୍ତି । ବାରମ୍ବାର ଲୋକେ ପ୍ରତିଶ୍ରୁତିର ପଦ୍ମତୋଳା ଶୁଣି ଶୁଣି ପ୍ରତାରିତ ହୋଇ ଭାଗ୍ୟକୁ ନିନ୍ଦୁଛନ୍ତି । ପରିବର୍ତନ ପାଇଁ ନୂଆ କିଛି କଥା କହିଲେ, ଏକଦମ୍ ଠିକ୍ ବୋଲି କହୁଛନ୍ତି । କିନ୍ତୁ ହଠାତ୍ ବାହାରି ପାରୁନାହାନ୍ତି । ଦୁର୍ନୀତି, ଚଂଚକତାରେ କୋଟି କୋଟି ଟଙ୍କା ମହଜୁଦ୍ ରଖିଥିବା ମତଲବୀ ନେତୃବର୍ଗଙ୍କ ନିଜସ୍ୱ ଭଡାଟିଆ ଗୁଣ୍ଡାବାହିନୀ ଓ ସରକାରୀ କଳର ଦମନ ଅତ୍ୟାଚାରକୁ ମୁକାବିଲା କରିବା ଅସମ୍ଭବ ବୋଲି ଲୋକେ ଭାବୁଛନ୍ତି । ଏ ଦୁନିଆରେ ଅସମ୍ଭବ ବୋଲି ଚିନ୍ତା କରିବା ହିଁ ପରାଜୟର ଲକ୍ଷଣ । ଯାହା ବାସ୍ତବ ସତ୍ୟ, ତାହା ନିଶ୍ଚିତ ସମ୍ଭବ । ଗଣଜାଗରଣର ନୂତନ ଅଧ୍ୟାୟ ସୃଷ୍ଟି ନହେଲେ ଦୃଷ୍ଟିଭଙ୍ଗୀ ବଦଳିପାରିବ ନାହିଁ । ଶାସନର ଢାଂଚା ବଦଳିପାରିବ ନାହିଁ- ରାଜନୀତିର ନୂଆ ରାସ୍ତା ଫିଟିପାରିବ ନାହିଁ । ଓଡିଶା ପଡିରହିଥିବ ଯେଉଁ ତିମିରେକୁ ସେଇ ତିମିରେ । ଆସନ୍ତୁ ଗୋଟିଏ ମଂଚରେ ଏକାଠି ହେବା । ବଜ୍ରମୁଷ୍ଟି ଉତ୍ତୋଳନ କରିବା । କ୍ଷମତାନ୍ଧ, କ୍ଷୁଧିତ ନେତୃତ୍ୱର କାଚଘର ସାମ୍ନାରେ ନିର୍ମାଣ କରିବା ନିର୍ଭୀକ ପ୍ରତିବାଦର ବିଶାଳ ପରମ୍ପରା ।

ଏ ବିଡମ୍ବିତ ବାସ୍ତବତାରୁ ନିଷ୍କୃତି ମିଳିବ କେବେ ? ଜନସାଧାରଣଙ୍କ ମଧ୍ୟରେ ଯେଉଁମାନେ ମେହନତୀ ମଣିଷ, ଶ୍ରମ-ସଂସ୍କୃତିର ସୂତ୍ରଧର– ସେମାନେ ସଂକଳ୍ପବଦ୍ଧ ହେଲେ ହିଁ ଓଡିଶାରୁ ଗୁଣ୍ଡାମାଫିଆ ସମର୍ଥିତ ରାଜନୈତିକ ଅପସଂସ୍କୃତିର ଉଚ୍ଛେଦ ହେବ–ସୃଷ୍ଟି ହେବ ନିର୍ଭୀକତାର ନୂତନ ପର୍ବ । କିନ୍ତୁ କେବଳ ବୌଦ୍ଧିକ ବିସ୍ଫୋରଣ ମାଧ୍ୟମରେ ଭାଷଣବାଜିର କୁହୁକରେ ବଦଳି ପାରିବ ନାହିଁ ଓଡିଶାର ଏ ନୈରାଶ୍ୟର ନକ୍‌ସା । ନିର୍ବାଚନ ସରିଯିବ-ପୁଣି ଘୋଟି ଆସିବ ସେଇ ଅମା ଅନ୍ଧକାର ରାତ୍ରି । ତେଣୁ ଭାରତବର୍ଷରେ ଜନଜାଗରଣର ଜୁଆର ଆସିବା ଦରକାର । ଓଡିଶା ଭୂଇଁରେ ସଚେତନ ସମୁଦାୟ ସଂଗଠିତ ହେବା ଦରକାର । ସବୁ ପ୍ରଗତିଶୀଳ ଶକ୍ତି ଏକତ୍ର ହୋଇ ଏକ ମଂଚରେ ଉପନୀତ ହେବା ଅପରିହାର୍ଯ୍ୟ । ତା'ହେଲେ ଯାଇ ନ୍ୟସ୍ତସ୍ୱାର୍ଥ ରାଜନୀତିର ଅନ୍ତ ହେବ- ଅବସାନ ଘଟିବ ଏକ କଳଙ୍କିତ ରାଜନୈତିକ ଅପସଂସ୍କୃତିର ।

-ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩

# ଭକ୍ତି ଉବାଚ

ଆଚରଣ ଓ ଉଚ୍ଚାରଣ
••ଦାସେ••

ଭଲ ପାଇବା ସାଙ୍ଗରେ ଯଦି ଭୟ ମିଶିଯାଏ ତେବେ ତାହା ଭକ୍ତି ହୋଇଯାଏ। ଆମେ ଆଜି କିଛି ଏ କଳିକାଳର ଭକ୍ତି, ଭକ୍ତ ଓ ଭଗବାନଙ୍କ ବିଷୟରେ ଶୁଣିବା। ଝୁଲାକୁ ଝୁଲେଇ ଟଙ୍କା ରୋଜଗାର କରିବାର ଅଭିନବ ପନ୍ଥାକୁ ଆଦରି ଏବେ କିଛି ବୟସ୍କ ଓ ଯୁବକ ଦଳ ଗ୍ରାମେ ଗ୍ରାମେ ପହଞ୍ଚୁଛନ୍ତି। ସେମାନେ ହିନ୍ଦି ଭାଷାରେ କଥା ହୁଅନ୍ତି ଅବା ଦରଖଣ୍ଡି ଓଡ଼ିଆ ବି କହିପାରନ୍ତି। ଓଡ଼ିଶାବାସୀ ବା ଆମେ ଭାରି ଭକ୍ତିମାର୍ଗର ଲୋକ। ପାପର ମାତ୍ରା ଆମ୍ଭମାନଙ୍କର ଏତେ ଅଧିକା ଯେ ରାସ୍ତାରେ ଯଦି କିଏ ସିନ୍ଦୂର ଢାଳିଦିଏ ତେବେ ଆମେ ସେଠି ଖାଲି ନମସ୍କାର ତ' ହେବୁନି ବରଂ ଅନ୍ୟକୁ ବାଧ୍ୟ କରାଇ ସେଠାରେ ଆସ୍ଥାନ ମଣ୍ଡପଟିଏ କରେଇଦେବୁ। ଆମ ଭକ୍ତି ଏଇ କିଛି ବର୍ଷ ଭିତରେ ବହୁତ ପରୀକ୍ଷା ହେଲାଣି। କିଏ କହିଲା-'ଜଣେ ବୁଢୀଟିଏ ଆସୁଛି, ସେ ତୁମକୁ ପିଆଜ କି ଆଳୁଟିଏ ମାଗିବ, ନ ଦେଲେ ଭାରି କ୍ଷତି। ମାତ୍ର ଘର ଦ୍ୱାର ମୁହଁରେ ଯଦି ଲେଖାଥିବ 'ଓଁ ନମଃ ଶିବାୟ' ନାଲି ରଙ୍ଗରେ ତେବେ କିଛି ହେବ ନାହିଁ।' ଆଉ କିଏ କହିଲା-''ଟିଭିରେ ଦେଖୋଉଥିଲା କେଉଁ ବଡ଼ ମେଡ଼ିକାଲ୍‌ରେ ଗୋଟିଏ ଛୁଆ ଜନ୍ମ ହୋଇ କହିଛି, ଗୋଟିକିଆ ପୁଅ ଯାହାର ହୋଇଥିବ ତା' ବାପାମା' ସମସ୍ତେ ଯାଇ ଶିବ ମନ୍ଦିରରେ ଶିବ ମହାପ୍ରଭୁଙ୍କୁ ଦର୍ଶନ କରିବେ।'' ଆଉ କିଏ କହିଲା- 'ଅମକେଇ ଦିନ ରାତି ୧ଟାରୁ ୩ଟା ଭିତରେ ଭୂମିକମ୍ପ ହେବ।' ସେଥିପାଇଁ ଲୋକମାନେ ରାତିସାରା ଅନିଦ୍ରା ମଧ୍ୟ ରହିଲେ। ସବୁକଥାରେ ଗୋଟେ ମୁଖ୍ୟ କଥା ହେଉଛି ଭୟ। ଯେହେତୁ ଆମେ ସମସ୍ତେ ଛୋଟିଆମୋଟିଆରୁ ଆରମ୍ଭ କରି ବଡ଼ ବଡ଼ ପାପ କାମରେ ଲିପ୍ତ ଅଛୁ ତେଣୁ ଆମକୁ ଭୟ ଲାଗୁଛି। ଛୋଟ ଛୋଟ ଗୁଜବ ବି ବଡ଼ ଆକାର ଧାରଣ କରୁଛି।

କଥା କହୁଥିଲି କ'ଣ ମାତ୍ର ଦେଖିଲା ବେଳକୁ ଯାଇ ଅନ୍ୟଆଡ଼େ ଉଠିଲିଣି। ଏ ଯେଉଁ ଝୁଲା ଦଳ ପ୍ରଥମେ ଭିକ ମାଗିବେ, ଭିକ ମାଗିବା ଅବସରରେ କିଛି ଠଉରାଇବେ ଏବଂ ଭିକ ନେବା ସମୟରେ ଦାତାର ପ୍ରଶଂସା ଗାନ କରିବେ। ମିଛ ସତ ଲଗେଇ ଜାଣିଲା ଭଳିଆ କେତେ କଥା ପୂର୍ବ ପରର କହିଦେବେ ଯେ ଲାଗିବ ସତେଯେମିତି ସରଳାର୍ଥ ଲେଖୁଛନ୍ତି କି ! ପ୍ରଶଂସା ପାଇବାକୁ ଆଜିକାଲି କିଏ ଚାହେଁନା ? ପ୍ରଶଂସା ଶୁଣିବ, ସେ ପୁଣି ବାହାରଲୋକଙ୍କଠାରୁ (ଘର ଲୋକଙ୍କଠାରୁ ନିନ୍ଦିତ ଚରିତ୍ରର ଉପାଧି ପାଇଥାଅ ପଛେ !) ! ତେଣୁ ବାଧହୋଇ ଯେ କେହିବି ସେ ଝୁଲାବାଲାଙ୍କୁ ଘରେ ବସେଇବ। ଏମାନେ ଭକ୍ତିମାର୍ଗରେ ଏମିତି କିଛି କହିବେ ଯେ, ଯେକେହି ବି ଲୋକ ଏମାନଙ୍କୁ ଆତିଥ୍ୟତା ପ୍ରଦାନ କରିବ। ତା'ପରେ ସେମାନେ ଏମିତି ଆରମ୍ଭ କରିବେ-''ଆପଣ ଆପଣଙ୍କ ଛୁଆପିଲାଙ୍କୁ ନେଇ ବ୍ୟସ୍ତ ଅଛନ୍ତି (ଛୁଆ ପିଲା ଯାହା ଘରେ ଥିବ କିଏ ବ୍ୟସ୍ତ ନ ହେବ !)। ଆପଣଙ୍କ ପିଲାମାନେ କେହି ରୋଜଗାର କରୁନାହାନ୍ତି (ଆପଣଙ୍କ ପିଲାଙ୍କୁ ଦଶବର୍ଷ ହେଇଥାଉ ପଛେ !)। ଆପଣ ମନସ୍ତାପ ଭିତରେ ରହୁଛନ୍ତି। ଆପଣଙ୍କ ମନ ଗୋଟିଏ ମାତ୍ର ଆପଣ କୋଟିଏ ସ୍ୱପ୍ନ ଦେଖୁଛନ୍ତି। ସବୁ ସ୍ୱପ୍ନ ସାକାର ହେବ ଯଦି ଆପଣ ଏଇଆ ମାନସିକ କରିବେ। ଆପଣଙ୍କୁ ଗୋଟିଏ ନଡ଼ିଆ ଦେବାକୁ ହେବ, ଧୂପଦୀପ ଇତ୍ୟାଦି ଓ ତତ୍‌ସହିତ ଦକ୍ଷିଣା ଏକ ହଜାର ଏକ ଟଙ୍କା ମାତ୍ର ଦେବାକୁ ପଡ଼ିବ। ଆମେ ସୁଦୂର ଅମକେଇରୁ ଆସିଛୁ କେବଳ ତମ ଭଳି ଭକ୍ତକୁ ଦେଖିବାକୁ। ଆମେ ଅନ୍ୟ କେଉଁଠିକୁ ଯାଇପାରିଥା'ନ୍ତୁ, ମାତ୍ର ଆମ ଭକ୍ତର ଘର କେଉଁଠାରେ ତାହା ଆମକୁ ଜ୍ଞାତ ହୋଇଯାଏ।''

ପ୍ରଶଂସାତୁର ଭକ୍ତଟି ଯଦି ପଇସାବାଲା ହୋଇଥାଏ, ତେବେ ସଂପୂର୍ଣ୍ଣ ଦିଏ, ନହେଲେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ଯାହା ସକ୍ଷମ ତାହା ଦିଏ। ଏମାନେ ଗଲାପରେ ଘରର ମୁରବି ଓ ଘରଣୀଙ୍କ ଭିତରେ ଏ ଟଙ୍କା ଦିଆନିଆ ଯୋଗୁ ପାଟିତୁଣ୍ଡ ହୁଏ ଏବଂ ଏ ଅବସ୍ଥା ଦିନେ ଦୁଇଦିନ ପରେ ସ୍ୱାଭାବିକ ଅବସ୍ଥାକୁ ଫେରେ। ଭଗବାନଙ୍କ କଥା ତ' ଲେଖିଲେ ସରିବନି ମାତ୍ର ଭକ୍ତଙ୍କ କଥା ମଧ୍ୟ ତା'ଠାରୁ ଅଧିକ ଅସରନ୍ତି। ଭକ୍ତମାନେ ତ' ଏବେ ବାବା ନାମରେ ପରିଚିତ। ଏବେକାର ବାବାମାନଙ୍କର ତୈଳଚିତ୍ର ରାସ୍ତାଘାଟ ଚାରିଆଡ଼େ ଦୃଶ୍ୟମାନ। ସେମାନଙ୍କଠାରୁ ପ୍ରବଚନ ମାନେ ପ୍ରବଂଚକଙ୍କ ନିକଟରୁ ପ୍ରବଚନ ଶୁଣିବା ପାଇଁ ଭିଡ଼ ମଧ୍ୟ ହେଉଛି। ନ ହେଲେ ବାବାମାନଙ୍କର ଯୌନ କେଲେଙ୍କାରୀର ଦୃଶ୍ୟ କ'ଣ ଦୂରଦର୍ଶନରେ ଦେଖାଯାଆନ୍ତା ! ବାବାନାମେ ଏମାନେ ବନ୍ଧ୍ୟାଙ୍କୁ ସନ୍ତାନବତୀ କରାଇବା ଚକ୍କରରେ ରହନ୍ତି। ଗେରୁଆ ବସ୍ତ୍ର ପିନ୍ଧି ସେ ବସ୍ତ୍ରର ଅବମାନନା କରୁଥିବା ଏ ଭଣ୍ଡମାନଙ୍କୁ ଚିହ୍ନିବାର ବେଳ ଆସିଗଲାଣି। ସବୁ ଗେରୁଆ ବସ୍ତ୍ର ପିନ୍ଧିଲାବାଲା ସନ୍ଥ ନୁହଁନ୍ତି ବୋଲି ଏମାନେ ବୋଧେ ଜାଣିନାହାଁନ୍ତି। ବାବାଙ୍କ ଚେଲାମାନେ ଭକ୍ତମାନଙ୍କୁ ବି ଚିହ୍ନିବାର ବେଳ ଆସିଗଲାଣି। ବାବାମାନେ ମଧ୍ୟ ଦଳ ସୃଷ୍ଟି କଲେଣି। ଭଗବାନଙ୍କ ନାମ ନେଇ କୁକର୍ମ କରୁଥିବା ହେ ଭକ୍ତିମାର୍ଗର ବାବାମାନେ ଓ ଚେଲା ଚାମଣ୍ଡା (ଭକ୍ତ !)ମାନେ କୁସଙ୍ଗ ପରିତ୍ୟାଗ କର ନଚେତ୍ ସତ୍‌ସଙ୍ଗ ଲଭିହେବ ନାହିଁ। ସନ୍ଥ କବୀର ଦାସଙ୍କ ଦୋହା ଶୁଣିଛ ନା ? – 'ମଥୁରା ଜାଓ୍ୱେ, ଦ୍ୱାରିକା ଜାଓ୍ୱେ, ଜାଓ୍ୱେ ଜଗନ୍ନାଥ/ସାଧୁ ସଙ୍ଗତି, ହରି ଭକତି, ବିନ୍ କୁଛ୍ ନ ଆଓ୍ୱେ ହାତ୍।' ଅଥଃ ଭକ୍ତି ଉବାଚ ! ନା, କ'ଣ କହୁଛନ୍ତି ଆଜ୍ଞା ?

# ଦୁର୍ନୀତି ଓ ଅର୍ଥନୈତିକ ବୈଷମ୍ୟ

══ହିମାଂଶୁଶେଖର ଆଚାର୍ଯ୍ୟ══



ଦୁର୍ନୀତି ସମଗ୍ର ବିଶ୍ୱ ପାଇଁ ବଡ ଆହ୍ୱାନ। କ୍ଷୋଭର କଥା ଦୁର୍ନୀତିର ପରିମାଣ ଦିନକୁ ଦିନ କମିବା ପରିବର୍ତ୍ତେ ବଢିବାରେ ଲାଗିଛି। କୌଣସି ଦେଶ ଯେତେ ଉନ୍ନତ ହେଉନା କାହିଁକି ଦୁର୍ନୀତି ନହଟିଲେ ସମାଜରେ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି ହେବ। ଖାଲି ସେତିକି ନୁହେଁ ଏହି ଅର୍ଥନୈତିକ ବୈଷମ୍ୟ ଦାରିଦ୍ର୍ୟ ଓ ବେକାରୀ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ବିଶ୍ୱର ଦୁର୍ନୀତି ସୂଚକାଙ୍କ ଉପରେ ଆଖି ପକାଇଲେ ଜଣାପଡେ ଯେ, ବିଶ୍ୱର ସର୍ବାଧିକ ଦୁର୍ନୀତିଯୁକ୍ତ ରାଷ୍ଟ୍ରଗୁଡିକ ମଧ୍ୟରେ କଲମ୍ବିଆ, ମେକ୍ସିକୋ, ଘାନା, ମିଆଁମାର ଓ ସାଉଦିଆରବ ରହିଛି। ସେହିପରି ଶ୍ରେଷ୍ଠ ପାଞ୍ଚଟି କମ୍ ଦୁର୍ନୀତି ହେଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ସୁଇଜରଲ୍ୟାଣ୍ଡ, ଜାପାନ, କାନାଡା, ଜର୍ମାନୀ ଓ ଗ୍ରେଟ ବ୍ରିଟେନ ରହିଛି।

ଦୁର୍ନୀତି ନିରାକରଣରେ ଶିକ୍ଷାର ଏକ ବଡ ଯୋଗଦାନ ରହିଛି। ଏହି ଦୃଷ୍ଟିରୁ ଦେଖିଲେ ଏବେବି ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୭ ପ୍ରତିଶତ, ୯୯ ପ୍ରତିଶତ ରହିଛି। ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଖାଲି ସେତିକି ନୁହେଁ ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର। ଅନ୍ୟୂନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ, ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍, ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । ସେହିଦୃଷ୍ଟିରୁ ଦେଖିଲେ କମ୍ ସାକ୍ଷରତା ଥିବା ଦେଶରେ ସଚେତନତା ଅଭାବରୁ ଦୁର୍ନୀତିର ମାତ୍ରା ଅଧିକ। ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର ।

ଏକ ସର୍ବେକ୍ଷଣରୁ ଜଣାପଡିଛି ଭାରତରେ ଦୁର୍ନୀତିର ମାନ ଦିନକୁ ଦିନ ବଢିବାରେ ଲାଗିଛି। ୧୮୦ଟି ଦେଶରେ ହୋଇଥିବା ସର୍ବେକ୍ଷଣ ଅନୁସାରେ ଦେଶରେ ଜଣାପଡିଛି ଯେ, ପ୍ରାୟ ୫୦ ପ୍ରତିଶତ ଭାରତୀୟ ପ୍ରାୟ ପ୍ରଥମ ଥର ଲାଞ୍ଚଦେଇଥା'ନ୍ତି ଏବଂ ଦୁର୍ନୀତି ସୂଚକାଙ୍କ ଅନୁସାରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୮୦। ଏଥିରୁ ସ୍ପଷ୍ଟ ଅନୁମେୟ ଭାରତରେ ଦୁର୍ନୀତି ତାର କାୟା ବିସ୍ତାର କରି ଚାଲଛି। ଆମ ଦେଶର ରାଜ୍ୟମାନଙ୍କ ମଧ୍ୟରୁ ରାଜସ୍ଥାନ ଓ ବିହାରରେ ଦୁର୍ନୀତି ସୂଚକାଙ୍କ ଅଧିକ ଥିବା ବେଳେ ଦିଲ୍ଲୀ ଓ ଓଡିଶାରେ ଏହା କମ୍ ରହିଛି। ଏସବୁ ସତ୍ତ୍ୱେ ଆମ ଦେଶରେ ସ୍ୱାଧୀନତାର ପରବର୍ତ୍ତୀ କଥା ଚିନ୍ତା କଲେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ଏକ ଲମ୍ବା ତାଲିକା। ୧୯୪୮ ମସିହା ଜିପ୍ କିଣା ଦୁର୍ନୀତିଠାରୁ ଆରମ୍ଭ କରି ୧୯୯୬ରେ ହାଓ୍ୱାଲା ଓ ଗୋଖାଦ୍ୟ, ୨୦୦୮ରେ ସେୟାର ବଜାର, ୨୦୧୦ରେ କମନଓ୍ୱେଲ୍‌ଥ ଗେମ୍, ୨୦୧୧ ମସିହା ଆଦର୍ଶ ହାଉସିଂ ଓ ୨୦୧୨ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ । ଏବେ ପୁଣି ଚର୍ଚ୍ଚାକୁ ଆସିଛି ହତ୍ୟାକାରୀ ବ୍ୟାପମ୍ ଦୁର୍ନୀତି। ସ୍ୱିସ୍ ବ୍ୟାଙ୍କରେ ଥିବା କଳାଧନର ପରିମାଣ ୭ ହଜାର କୋଟି ଟଙ୍କାକୁ ଟପିସାରିଲାଣି। ଏହି ଦୁର୍ନୀତି ହିଁ ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ। ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ତମ। ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି। ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍। ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି। ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଙ୍ଖିପିଣ୍ଡା ହେଉଛନ୍ତି ।

ଦୁର୍ନୀତିର ପ୍ରଭାବ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ମିଳିତ ଜାତିସଂଘ ଆକଳନ ଅନୁସାରେ ଦୁର୍ନୀତି, ଚୋରି, ଲାଞ୍ଚ ଓ ଟିକସ ଫାଙ୍କିବା ଦ୍ୱାରା ବିକାଶଶୀଳ ଦେଶମାନଙ୍କରେ କୋଟି କୋଟି ଟଙ୍କା ଆତ୍ମସାତ ହେଉଛି। ଏଥିସହିତ ଉଚ୍ଚ ପଦାଧିକାରୀ ଓ ରାଜନୈତିକ ନେତାମାନେ ଏଥିରେ ସମ୍ପୃକ୍ତ ରହିବାର ଅନେକ ଉଦାହରଣ ରହିଛି। ଏମାନେ ସାଧାରଣ ଜନତାଙ୍କ ପାଖରେ ଉତରଦାୟୀ ନରହିଲେ ଦୁର୍ନୀତିର ମାତ୍ରା ବଢି ବଢି ଚାଲିବ। ଦୁର୍ନୀତିକୁ ରୋକିବା ପାଇଁ କଠୋର ଦଣ୍ଡବିଧାନର ଆବଶ୍ୟକତା ରହିଛି। ତୃଣମୂଳ ସ୍ତରରୁ ଏଥିପାଇଁ ବ୍ୟାପକ ସଚେତନତା ଲୋଡା। ଏଥିପାଇଁ କେବଳ ଡିଗ୍ରୀ ବା ପ୍ରମାଣପତ୍ର ଶିକ୍ଷା ନୁହେଁ ନୈତିକ ଓ ମୂଲ୍ୟବୋଧଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି। ଏହି କଥା ପ୍ରଥମେ ନିଜ ଘରୁ ଆରମ୍ଭ କରିବାକୁ ହେବ। ସେହିପରି ପ୍ରଶାସନିକ ସ୍ତରରେ ମଧ୍ୟ ସବୁଠି ସ୍ୱଚ୍ଛତା ଅବଲମ୍ବନ କରିବା ବିଧେୟ। କାରଣ 'ମହାଜନ ଜେନ ଗତସ୍ୟ ପନ୍ଥା' ନ୍ୟାୟରେ ବଡମାନେ ଯାହା କରିବେ, ସାନମାନେ ତାହା ଅନୁକରଣ କରିବେ।

ଏହି ପରିପ୍ରେକ୍ଷୀରେ ମହାତ୍ମାଗାନ୍ଧିଙ୍କ ପାଠପଢା ବେଳର କଥା ବେଶ୍ ପ୍ରଣିଧାନଯୋଗ୍ୟ। ଗୁରୁଜୀ ଗାନ୍ଧିଜୀଙ୍କୁ ପାଖ ପିଲାଠାରୁ ଦେଖି ସଠିକ୍ ଶବ୍ଦଟି ଲେଖିବା ପାଇଁ ପ୍ରବର୍ତ୍ତାଇଥିଲେ। ମାତ୍ର ସେ ଗୁରୁଙ୍କ କଥାକୁ ଟାଳି ଦେଇଥିଲେ। ପରେ ଗୁରୁଜୀ ତାଙ୍କୁ ପଚାରିବାରୁ ସେ ଉତ୍ତରରେ କପି କରିବା ବଡ ଅନ୍ୟାୟ ଓ କିଭଳି ଏତେ ବଡ ଅନୀତି କରିଥା'ନ୍ତେ ବୋଲି ଉତ୍ତର ଦେଇଥିଲେ । ପୁଣି ସେ ବିନମ୍ରତାର ସହ କହିଥିଲେ, ଅସତ୍ ପଥରେ ଯାଇ ସୁନାମ ଅର୍ଜନ କରାଯାଏ ନାହିଁ । ସେଇଥିପାଇଁ ତ' ସେ ମହାତ୍ମା। ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ। ଗାନ୍ଧିଜୀଙ୍କ ଏହି ଆଦର୍ଶ ଓ ମୂଲ୍ୟବୋଧକୁ ଆମକୁ ଅନୁସରଣ କରିବାକୁ ହେବ। ମୁଁ ନିଜେ ଦୁର୍ନୀତି କରିବି ନାହିଁ କି ଦୁର୍ନୀତିକୁ ପ୍ରଶ୍ରୟ ଦେବିନାହିଁ, ଏହି ଭାବ ମନରେ ସୃଷ୍ଟି ହେବା ଦରକାର। ତାହାହେଲେ ଯାଇ ଦୁର୍ନୀତି ଉପରେ ଅଙ୍କୁଶ ଲାଗିପାରିବ। ତେଣୁ ସମସ୍ତେ ନୀତି ନୈତିକତା, ଆଦର୍ଶ, ମୂଲ୍ୟବୋଧ ଉପରେ ଦୃଢବିଶ୍ୱାସ ରଖି କାମ କରିଚାଲିଲେ ଦୁର୍ନୀତିର ମୂଳୋତ୍ପାଟନ ସମ୍ଭବ ହେବା ସହିତ ଏକ ବିକଶିତ ରାଷ୍ଟ୍ରଗଠନ ଲକ୍ଷ୍ୟ ସାଧିତ ହୋଇପାରିବ। ଏଥିପାଇଁ ସାମୂହିକ ସଂକଳ୍ପ ଲୋଡା।

-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର,
ମୋ-୯୯୩୭୧୫୧୦୫୨




# ଲେଫ୍ଟ ଆଉଟ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନିୟମିତ କରିବା ଦାବି



ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ୨୨,୫୧୨ ଗଣ ଶିକ୍ଷକ / ଶିକ୍ଷୟତ୍ରୀ ନିୟମିତ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡିଥିବା ଲେଫ୍ଟ ଆଉଟ ଗଣ ଶିକ୍ଷକ ମହାସଂଘ ପକ୍ଷରୁ ନିୟମିତ କରିବାକୁ ନେଇ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ସଂଘ ର ଶିକ୍ଷକ ଶିକ୍ଷୟତ୍ରୀ ତାଲିମ ପ୍ରାପ୍ତ ସହ ୧୫ବର୍ଷ ଧରି ସ୍ୱଳ୍ପ ଦରମାରେ ନିୟମିତ କାର୍ଯ୍ୟକ ରିଆସୁଥିଲେ ମଧ ସରକାର ଏହି ୪୦୦୦ ହଜାର ଗଣ ଶିକ୍ଷକ / ଶିକ୍ଷୟତ୍ରୀ ମାନଙ୍କୁ ନିୟମିତ କରିନାହାନ୍ତି । ପୂର୍ବରୁ ଯେଉଁଭଳି ଗଣ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ବିନା ଓଟିଇଟି ଯୋଗ୍ୟତାରେ ନିୟମିତ କରାଯାଇଛି ସେହିଆଧାରରେ ଏହି ଶିକ୍ଷକ ମାନଙ୍କୁ ନିୟମିତ କରିବା ପାଇଁ ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରାଯାଇଛି । ସରକାର ଏହି ୪୦୦୦ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନିୟମିତ ନକଲେ ଆଗାମୀ ଦିନରେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ନବ ନିର୍ବାଚିତ ବନ୍ଦର ଟ୍ରଷ୍ଟି ଶ୍ରୀକାନ୍ତ ରାୟଙ୍କ ବିଜୟ ଶୋଭାଯାତ୍ରା

ପାରାଦୀପ, (ପି.ଏନ): ଚଳିତ ବନ୍ଦର ଟ୍ରଷ୍ଟ ବୋର୍ଡ ନିର୍ବାଚନରେ ଭାରତୀୟ ବନ୍ଦର ମଜଦୁର ସଂଘ (ବିବିଏମଏସ)ର ପ୍ରାର୍ଥୀ ଶ୍ରୀକାନ୍ତ ରାୟ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇ ଏକ ନମ୍ବର ଶ୍ରମିକ ଟ୍ରଷ୍ଟି ଭାବେ ନିର୍ବାଚିତ ହୋଇଛନ୍ତି । ସୋମବାର ଦିନ ବିବିଏମଏସର କର୍ମକର୍ତା ଓ ଶ୍ରୀକାନ୍ତ ନିଜ ସମର୍ଥକ ଗହଣରେ ଏକ ବିଜୟ ଶୋଭାଯାତ୍ରା କରିଥିଲେ । ପାରାଦୀପର ବିଭିନ୍ନ କଲୋନୀମାନଙ୍କରେ ବନ୍ଦରର କର୍ମଚାରୀମାନେ ଶ୍ରୀକାନ୍ତଙ୍କ ସମେତ ବିବିଏମଏସର ସଭାପତି ରାକେଶ କୁମାର ପଟ୍ଟନାୟକ ଓ ଉପଦେଷ୍ଟା ଦୋଳଗୋବିନ୍ଦ ଦାଶଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ବଡପଡିଆ ମାର୍କେଟରେ ଏହି ଶୋଭାଯାତ୍ରା ପହଂଚିବା ପରେ କୁଜଙ୍ଗର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରିତୀରଂଜନ ମହାପାତ୍ର ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ଅଭିନନ୍ଦନ ଜଣାଇଥିଲେ ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

## ଉତ୍ତରାଖଣ୍ଡ : ବଦ୍ରିନାଥ ଧାମରେ ୧୬ ଲକ୍ଷ ୮୦ ହଜାର ରୁ ଅଧିକ ତୀର୍ଥଯାତ୍ରୀ ପହଂଚିଛନ୍ତି

ଡେରାଡୁନ, (ପି.ଏନ): ଉତ୍ତରାଖଣ୍ଡର ବଦ୍ରିନାଥ ଧାମରେ ଏବେ ସୁଦ୍ଧା ୧୬ ଲକ୍ଷ ୮୦ ହଜାର ୭୭୫ ତୀର୍ଥଯାତ୍ରୀ ଦର୍ଶନ ପାଇଁ ପହଂଚିଛନ୍ତି । ରବିବାର ସନ୍ଧ୍ୟାରେ ଧାମରେ ୪୩୦୫ ଶ୍ରଦ୍ଧାଳୁ ପହଂଚିଥିଲେ । ୨୦୧୯ରେସର୍ବାଧିକ ୧୦ ଲକ୍ଷ ୪୦ ହଜାର ଶ୍ରଦ୍ଧାଳୁ ବଦ୍ରିନାଥ ଧାମରେ ପହଂଚିଥିଲେ । ଏହି ବର୍ଷରେ ଏବେ ସୁଦ୍ଧା ଚାରି ଧାମରେ ମୋଟ ୪୩ ଲକ୍ଷ ୫୪ ହଜାର ୨୫୭ ତୀର୍ଥଯାତ୍ରୀ ଦର୍ଶନ କରିଛନ୍ତି । ଚାରିଧାମ ଯାତ୍ରୀ ସମାପ୍ତ ପାଇଁ ଆହୁରି ବଢ଼ି ଯାଉଛି । ସେଥିମଧ୍ୟରୁ କେଦାରନାଥ ଏବଂ ଯମୁନେତ୍ରୀ ଧାମର ଦ୍ୱାର ୨୭ ଅକ୍ଟୋବରରେ ଏବଂ ୨୬ ଅକ୍ଟୋବରରେ ଗଂଗୋତ୍ରୀ ଧାମର ଦ୍ୱାର ବନ୍ଦ ରହିଛି । ନଭେମ୍ବର ୧୯ (ଶନିବାର) ରେ ଶୀତଦିନେ ବଦ୍ରିନାଥ ଧାମର କବାଟ ବନ୍ଦ ରହିବ । ଚାରିଧାମରେ ସାଢ଼େ ତେୟାଳିଶ ଲକ୍ଷ ଶ୍ରଦ୍ଧାଳୁ ଏବେ ସୁଦ୍ଧା ଦର୍ଶନ କରିସାରିଛନ୍ତି । ଚାର ଧାମକୁ ଆସୁଥିବା ଏହି ସଂଖ୍ୟାରେ ତୀର୍ଥଯାତ୍ରୀମାନେ ହେମକୁଣ୍ଡ ସାହିତ ଲକ୍ଷ୍ମଣ ମନ୍ଦିରକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ସମେତ ୪୬ ଲକ୍ଷ ଅତିକ୍ରମ କରିଛନ୍ତି ।

# ମୌସୁମୀ ସାହିତ୍ୟ ପରିଷଦର ଶିଶିର କବିତା ଆସର

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାର ଅଗ୍ରଣୀ ସାହିତ୍ୟ ସଂଗଠନ ମୌସୁମୀ ସାହିତ୍ୟ ପରିଷଦ ପକ୍ଷରୁ ଶିଶିର ଋତୁର ଆଗମନୀ ଉପଲକ୍ଷେ ଏକ ଶିଶିର କବିତା ଆସର ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ସଂଜିବନୀ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସମ୍ପାଦକ ତଥା କବି ଡକ୍ଟର ଶ୍ରୀଧର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ କବି ପ୍ରେମାନନ୍ଦ ଖଣ୍ଡୁଆଳ, ପଲକ ସମ୍ପାଦକ ଶଶିକାନ୍ତ ଦାସ, ଆମ ଗାଁ ସାହିତ୍ୟ ପରିଷଦ ସଭାପତି ସଞ୍ଜୟ କୁମାର ମଲ୍ଲିକ, ରଞ୍ଜନ ବାଇ, ଅଜୟ କୁମାର ପାତ୍ର, ସ୍ୱପ୍ନଂଶୁ ଦାସ, କବିତା ମୁଦୁଲି, ଗୋଲାପ ରାଉତ, ଗାତ୍ରିକା ଅବନ୍ତୀ ବେହେରା, ରଣଧିର ଜେନା, ଶ୍ରୀଧର ମହାନ୍ତି, ମେଜର ଭରତ ଚନ୍ଦ୍ର ଜେନା, ନିକୁଞ୍ଜ ବିହାରୀ ତୃପ୍ତି, ଡଃ. ଶ୍ରୀଧର ସାମଲ ପ୍ରମୁଖ ବହୁ କବି ଓ କବୟତ୍ରୀ ଯୋଗଦେଇ ସେମାନଙ୍କ ସ୍ୱରଚିତ କବିତା ଆବୃ□ କରିଥିଲେ । ସାଂପ୍ରତିକ ସାହିତ୍ୟରେ ଉ□ର ଆଧୁନିକ କବିତାର ଗତି ଓ ସ୍ଥିତି ସମ୍ବନ୍ଧରେ ସଭାପତି ଡଃ. ସାମଲ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ କବି ପ୍ରେମାନନ୍ଦ ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଳିଆ ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ : ମେୟରଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଭୁବନେଶ୍ୱର, (ପି.ଏନ): ପୁଣି ଦାରୁଠେଙ୍ଗରେ ଅଳିଆ ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁଘଟିଛି । ଡମ୍ପିଂ ୟାର୍ଡକୁ ଅଳିଆ ପକାଇବା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ନାଁ ରାମଚନ୍ଦ୍ର ଗାଗରାଇ ଓ ତାଙ୍କର ବୟସ ୪୬ ବର୍ଷ ବୋଲି ଜଣା ପଡିଛି । ଏହି ଦୁର୍ଘଟଣାପରେ ସେଠାରେ ଉତ୍ତେଜନା ଦେଖା ଦେଇଥିଲା ଓ କଟକ ଖୋର୍ଦ୍ଧା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ ଗ୍ରାମବାସୀ । ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଛନ୍ତି ଦାରୁଠେଙ୍ଗ ଗ୍ରାମବାସୀ । ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ସହ ଜଣେ ସଦସ୍ୟଙ୍କୁ ଚାକିରିର ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ଉଲ୍ଲେଖଯୋଗ୍ୟ, ଭୁଆସୁଣି ଡମ୍ପିଂ ୟାର୍ଡ ରାସ୍ତାରେ ଆବର୍ଜନା ନେଇ ଯାଉଥିବା ଗାଡ଼ି ଧକ୍କାରେ ପୁଣି ଜଣଙ୍କର ମୃତ୍ୟୁ ଘଟିଥିଲା ।

# ଡି.ଏ.ଭି କଳିଙ୍ଗ ନଗରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଭୁବନେଶ୍ୱରତା,(ପି.ଏନ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଡି.ଏ.ଭି ପବ୍ଲିକ୍‌ସ୍କୁଲ୍ କଳିଙ୍ଗ ନଗର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେବିଦ୍ୟାଳୟର ଅଧକ୍ଷଙ୍କ ସହିତ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ, ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୁତ ଶ୍ରଦ୍ଧାଳୀ ଜ୍ଞାପନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଅଧକ୍ଷ ବିପିନ୍ କୁମାର ସାହୁ ରାଷ୍ଟ୍ରର ଏକତା, ଅଖଣ୍ଡତା ଓସୁରକ୍ଷା ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶପଥ ପାଠ କରାଇବା ସହିତ ଏକ ଅଖଣ୍ଡ ଭାରତ ନିର୍ମାଣରେ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ । ଏହି ଉପଲକ୍ଷେ ଏକ ଏକତା ଦୌଡ଼ର ଆୟୋଜନ କରାଯାଇଥିଲା । ଏଥିରେ




୧୫୦ରୁ ଉର୍ଦ୍ଧ୍ୱ ସ୍କାଉଟ୍‌ଗାଇଡ୍, ଏନ୍.ସି.ସି ର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ବିଦ୍ୟାଳୟ ପରିସରଠାରୁ ସମ୍ ହସପିଟାଲ୍ ଛକ ପର୍ଯ୍ୟନ୍ତ ଦୌଡ଼ରେଭାଗନେଇଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ବିଦ୍ୟାଳୟର ସ୍କାଉଟ୍‌ଗାଇଡ୍, ଏନ୍.ସି.ସିବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପୂର୍ଣ୍ଣ ସହ ଯୋଗରେ ସୂଚାରୁ ରୁପେ ସଂପାଦିତ ହୋଇଥିଲା ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଗଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିମ୍ପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କଟ୍ସ୍;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ । ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି ।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୁଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।




# ଲୋକପ୍ରତିନିଧି ଓ ରେସନ୍ କାର୍ଡ଼



କର୍ପୋରେଟର୍, କାଉନ୍‌ସିଲର୍, ସରପଞ୍ଚ ଓ ୱାର୍ଡ଼ମେମ୍ବରଙ୍କ ଭଳି ଲୋକପ୍ରତିନିଧି ଯେ ରେସନ୍ କାର୍ଡ଼ ଗ୍ରହଣ କରିବା ଏକ ଅପରାଧ, ଏହା ସବୁବେଳେ ଠିକ୍ ନୁହେଁ। ସମସ୍ତେ ଜାଣନ୍ତି ଯେ, ଅଧିକାଂଶ ଲୋକପ୍ରତିନିଧିଙ୍କର ନିର୍ଦ୍ଦିଷ୍ଟ ଆୟ ନାହିଁ। ରାଜନୀତିକୁ ଏକ ବେପାର ଭାବେ ଗ୍ରହଣ କରି ହାତ ସଫେଇ ଦ୍ୱାରା ସେମାନେ ଯାହା ରୋଜଗାର କରିଥାନ୍ତି, ସେଭଳି ଆୟର କୌଣସି ଅଗମୂଳ ନଥାଏ। ତେଣୁ ତାହାକୁ ଏକ ନିର୍ଦ୍ଦିଷ୍ଟ ରୋଜଗାର ପନ୍ଥା ବୋଲି ଧରି ନିଆଯିବା ଠିକ୍ ନୁହେଁ। ଏହାଛଡ଼ା ଆମ ରାଜ୍ୟରେ ଜାତି, ଜନଜାତି ଓ ମହିଳା କୋଟାରେ ନିର୍ବାଚିତ ଲୋକପ୍ରତିନିଧି ମାନେ ଉଚ୍ଚବର୍ଗର କ୍ଷମତାଶାଳୀ ଲୋକଙ୍କର ଡ଼ମି ରୂପେ କାର୍ଯ୍ୟ କରନ୍ତି ଓ ସେମାନଙ୍କ ଇଙ୍ଗିତରେ ଉଠ୍ ବସ୍ ହୁଅନ୍ତି। ଏଭଳି ଲୋକପ୍ରତିନିଧିଙ୍କର ଆର୍ଥିକ ଅବସ୍ଥା ଆହୁରି ଦୟନୀୟ। ଅନ୍ୟପକ୍ଷରେ ଲୋକପ୍ରତିନିଧିତ୍ୱ ଏକ ସ୍ଥାୟୀ ପଦବୀ ନୁହେଁ। କେତେବେଳେ ଯେ ପଦବୀ ଖସି ଯିବ, କହିହେବ ନାହିଁ। ବିଧାୟକ ଓ ସାଂସଦଙ୍କ ଭଳି ଦରମା ଓ ପେନସନ୍ ନାହିଁ। ଗାଁଗହଳରେ ଏଭଳି ଲୋକପ୍ରତିନିଧିଙ୍କର ଆର୍ଥିକ ଅବସ୍ଥା ଏତେ ଖରାପ ଯେ ସେମାନଙ୍କ ପାଇଁ ରେସନ୍ କାର୍ଡ଼ ପାଇବା ଅତି ଜରୁରୀ।

ମୁଁ ରହୁଥିବା ଉମରକୋଟ୍ ପୌରାଞ୍ଚଳରେ ଭଗବାନ୍ ବାଗ୍ ନାମକ ଜଣେ କାଉନ୍‌ସିଲର ଥିଲେ। ସେ ଅନୁସୂଚିତ ଜାତି ବର୍ଗ କୋଟାରେ ନିର୍ବାଚିତ ହୋଇଥିଲେ। ସ୍ୱଳ୍ପ ଶିକ୍ଷିତ ଏହି ଲୋକପ୍ରତିନିଧି ଖୁବ୍ ଭଦ୍ର ଓ ମେଳାପୀ ଥିଲେ। ସେ ଭୂମିହୀନ ବ୍ୟକ୍ତି ଥିଲେ ଓ ଏକ ସରକାରୀ ଜାଗାରେ କୁଡ଼ିଆଟିଏ କରି ରହୁଥିଲେ। ଆଦିବାସୀ ଅଞ୍ଚଳରେ ଅଧିକାଂଶ ୪ର୍ଥ ଶ୍ରେଣୀ କର୍ମଚାରୀ ଆଦୌ କାମ କରନ୍ତି ନାହିଁ। ଦିନରାତି ମଦ ପିଇ ଜୁଆ ଖେଳି ସମୟ ବିତାନ୍ତି। ସେମାନଙ୍କୁ ଶାସନ କରିବା ଅଧିକାରୀଙ୍କ ପକ୍ଷରେ ଅସମ୍ଭବ। ଦରମା ବନ୍ଦ କଲେ କିମ୍ବା କୈଫିୟତ ମାଗିଲେ, ମଦ ପିଇ ଘରେ ଆସି ଗଣ୍ଡଗୋଳ କରନ୍ତି। ତାଙ୍କ ପକ୍ଷ ନେଇ ନେତା ମାନେ ମଧ୍ୟ ବାହାରି ପଡ଼ନ୍ତି। ତେଣୁ ଏହି ଅଞ୍ଚଳରେ ଏକ ଅଲିଖିତ ନିୟମ ଅନୁସାରେ କାମ କରୁନଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ମାନେ ତାଙ୍କ ବଦଳରେ ଜଣେ ଡ଼ମିକୁ ନିଯୁକ୍ତି ଦିଅନ୍ତି। ତା' ଦ୍ୱାରା ସରକାରୀ କାମ କରାନ୍ତି। ବିଚରା ଶିକ୍ଷିତ ଯୁବକଟାଏ ଭୋକ ବିକଳରେ ୪୦୦/୫୦୦ ଟଙ୍କାରେ ମାସ ସାରା କାମ କରିଥାଏ। ଆଉ ତାକୁ ଠିକା ନିଯୁକ୍ତି ଦେଇଥିବା ୪ର୍ଥ ଶ୍ରେଣୀ କର୍ମଚାରୀର ମାସକୁ ୨୦/୨୫ ହଜାର ଟଙ୍କା ଦରମା। ଏଥିରୁ ସାମାନ୍ୟ କିଛି ଦେଇ ତା' ଡ୍ୟୁଟୀ ସୁରୁଖୁରୁରେ ହୋଇଯାଏ। ଅଧିକାରୀ ମାନେ ମଧ୍ୟ ଶାନ୍ତିରେ ନିଃଶ୍ୱାସ ମାରନ୍ତି। ବିଚରା ଭଗବାନ୍ ବାଗ୍ ସେହିଭଳି କାମ କରି ମାସିକ ୫୦୦ ଟଙ୍କା ରୋଜଗାର କରୁଥିଲା। କିଛିଦିନ ପରେ ରୋଗରେ ପଡ଼ି ଅତି ଦୁର୍ଦ୍ଦିନରେ ତାର ଆକସ୍ମିକ ମୃତ୍ୟୁ ହୋଇଗଲା।

ଅତଏବ ଲୋକପ୍ରତିନିଧିମାନେ ରେସନ୍ କାର୍ଡ଼ ନେଲେ ବୋଲି ଯେଉଁ ହଙ୍ଗାମା ସୃଷ୍ଟି ହେଉଛି, ତାହାର ବାସ୍ତବ ଭିତ୍ତିଭୂମି କିଛି ନାହିଁ। ଲୋକପ୍ରତିନିଧି ହୋଇଗଲେ ଯେ ଜଣେ ଧନୀ ହୋଇଯିବ, ଏହା ଭାବିବା ଭୁଲ୍। ଅଧିକାଂଶ ଲୋକପ୍ରତିନିଧି କ୍ଷମତାରୁ ଗଲା ପରେ ମାଗିଯାଚି କିମ୍ବା ଧମକାଇ କିଭଳି ଚଳନ୍ତି, ତାହା ସମସ୍ତେ ଜାଣନ୍ତି। ଏଣୁ ସେମାନଙ୍କୁ ଧର, ବାନ୍ଧ ବୋଲି ଯେଉଁ ରଡ଼ି ଶୁଭୁଛି, ତାହା ଏକ ସାମାଜିକ ଅସହିଷ୍ଣୁତାର ପରିପ୍ରକାଶ। ଯେଉଁ ମାପକାଠି ଆଧାରରେ ରେସନ୍ କାର୍ଡ଼ ଚୟନ ପାଇଁ ସ୍ଥିର କରାଯାଇଛି, ତାହା ସଂପୂର୍ଣ୍ଣ ଭ୍ରମାତ୍ମକ ମନେହେଉଛି। ଜଣଙ୍କର ୩ବଖରା ଘର ଓ ଗାଡ଼ିଟିଏ ଥିଲେ, ତାକୁ ଧନୀ କୁହାଯିବା ଠିକ୍ ନୁହେଁ। ବରଂ ଲୋକଙ୍କର ଭବିଷ୍ୟତ ଅବସ୍ଥା, ସ୍ଥାବର ଅସ୍ଥାବର ସଂପତ୍ତିର ପରିମାଣ, ସାମାଜିକ ବୋଝର ପରିମାଣ ଆଦିକୁ ବିଚାରକୁ ନିଆଯିବା ଅତ୍ୟନ୍ତ ଜରୁରୀ। ତେଣୁ ଯେଉଁ ଲୋକଟି ରେସନ୍ କାର୍ଡ଼ ପାଇଛି, ତାକୁ କେବଳ ଖାମଖିଆଲ ଭାବେ କାଟି ଦେବା ଉଚିତ ନୁହେଁ। ଯଦିଓ ରେସନ୍ କାର୍ଡ଼ର ମାପକାଠି ଓ ବ୍ୟକ୍ତିର ଅବସ୍ଥାକୁ ବିଚାରକୁ ନେଇ ନିରପେକ୍ଷ ଭାବେ ଚୟନ କରାଯାଇଥାନ୍ତା, ଏଭଳି ହୋହଲ୍ଲା ହୋଇ ନଥାନ୍ତା।

**–ଡାକ୍ତର ସୁରେନ୍ଦ୍ରନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,*
*ମୋ।-୯୪୩୭୨୩୫୩୮୬*

# ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କୃଷିବୀମା ନ ମିଳିଲେ ବୀମା କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରିବ କିଷାନ କଂଗ୍ରେସ

ଭୁବନେଶ୍ୱର (ପିଏନ୍)- ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପୂର୍ବରୁ ରାଷ୍ଟ୍ରୀୟ କୃଷି ବୀମା ଯୋଜନା ମାଧ୍ୟମରେ ବୀମା କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରାଯାଉଥିଲା। ଫଳରେ ଚାଷୀ ସହଜରେ ବୀମା କ୍ଷତି ପୂରଣ ପାଇପାରୁ ଥିଲେ। କିନ୍ତୁ ୨୦୧୬ ଖରିଫ୍‌ଠାରୁ ଦେଶରେ ମୋଦୀ ସରକାରର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରାଯିବା ଫଳରେ ଏଥିରେ ଚାଷୀ ଲାଭବାନ ହେବା ପରିବର୍ତ୍ତେ ହାତ ଗଣତି କେତୋଟି ଘରୋଇ ବୀମା କମ୍ପାନୀ ଓ ସରକାରଙ୍କ ମଧୁ ଚନ୍ଦ୍ରିକାରେ ସରକାର ଓ କମ୍ପାନୀମାନେ ମାଲାମାଲ ହେଉଛନ୍ତି। ଲକ୍ଷ ଲକ୍ଷ ଚାଷୀ ଠିକଣା ସମୟରେ ବୀମା ପ୍ରିମିୟମ ପଇଠ କରି ଏବେ ବୀମା ସହାୟତା ପାଇବାରୁ ବଞ୍ଚିତ। ୨୦୨୧ ଖରିଫ୍ ଋତୁରେ ବଲାଙ୍ଗିର ଜିଲ୍ଲାର ୮୦ଟି ଗ୍ରାମ ପଞ୍ଚାୟତର ଚାଷୀ କୃଷି ବୀମା କରିଥିଲେ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ ଏବେ ସୁଦ୍ଧା କ୍ଷତି ପୂରଣ ଦିଆ ଯାଇନାହିଁ। କିଷାନ କଂଗ୍ରେସ ସମେତ ବହୁ ଚାଷୀ ସଂଗଠନ ତୁରନ୍ତ ବୀମା ଅର୍ଥ ପ୍ରଦାନ କରିବାକୁ ବାରମ୍ବାର ଦାବୀ କରି ଆସୁଥିବା ବେଳେ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାର ଚାଷୀଙ୍କୁ ପ୍ରତାରିତ କରି ଚାଲିଛନ୍ତି। ୨୦୨୧ ବର୍ଷରେ ଫସଲ କ୍ଷତିଗ୍ରସ୍ତ ଲାଗି ୧୩୬୦କୋଟି ଟଙ୍କାର ବୀମା ସହାୟତା ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ଯୋଗାଇଦେବାର ଥିଲା। କିନ୍ତୁ ଚାଷୀଙ୍କୁ ୯୪୦ କୋଟି ଟଙ୍କା ବୀମା ରାଶି ବଣ୍ଟନ କରାଯାଇ ଆଉ ଅବଶିଷ୍ଟାଂଶ ଟଙ୍କା ବୀମା କମ୍ପାନୀ ଚାଷୀଙ୍କୁ ଗତ ଏପ୍ରିଲ ମାସ ସୁଦ୍ଧା ପ୍ରଦାନ କରିବା କଥା। ବର୍ତ୍ତମାନ ଆଉ ପ୍ରାୟ ୪୨୦ କୋଟି ଟଙ୍କା ବୀମା ସହାୟତା ରାଶି ଚାଷୀଙ୍କୁ ପ୍ରଦାନ କରା ନ ଯିବା ଏକ କ୍ଷୋଭର ବିଷୟ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଉଭୟ ସରକାରଙ୍କ ଚାଷୀମାରଣ ନୀତିର ତୀବ୍ର ନିନ୍ଦା କରିଛନ୍ତି। ସରକାର ଏବେ ରକ୍ଷକ ହୋଇ ଭକ୍ଷକ ସାଜିଛନ୍ତି। ଯଦି ଆସନ୍ତା ୧୫ ଦିନ ମଧ୍ୟରେ ବଲାଙ୍ଗିର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ଫସଲ କ୍ଷତିଗ୍ରସ୍ତ ଏପରି ଚାଷୀଙ୍କୁ ବୀମା କ୍ଷତିପୂରଣ ରାଶି ପ୍ରଦାନ ନ କରନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁଯାୟୀ ସଂପୃକ୍ତ ବୀମା କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଧାରଣ, ବିକ୍ଷୋଭ ଓ ପ୍ରତିବାଦ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ୧ କୋଟି ଟଙ୍କାର ବ୍ରାଉନ ସୁଗାର ଜବତ

ବାଲେଶ୍ୱର (ପିଏନ୍)-ସ୍ଥାନୀୟ ପୁଲିସ ସହାୟତାରେ ଏସଟିଏଫ ଟିମ୍ ବାଲେଶ୍ୱର ରେଳ ଷ୍ଟେସନ ନିକଟରେ ଚଢ଼ଉ କରି ୧ କେ.ଜି. ୬୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି। ଜବତ ବ୍ରାଉନସୁଗାର ର ମୁଲ୍ୟ ୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଚଛି। ଏହି ଘଟଣାରେ ଏସଟିଏଫ ୨ ଜଣଙ୍କୁ ଗିରଫ କରିଛି। ଏହି ଦୁଇ ବ୍ରାଉନସୁଗାର ମାଫିଆ ହେଲେ ଏସ କେ. ରାଜୁ ଓ ଅମଜାଦ ଖାନ। ରାଜୁର ଘର ବାଲେଶ୍ୱର ସହରର ଆଜିମାବାଦ ଅଞ୍ଚଳରେ ହୋଇଥିବା ବେଳେ ଅମଜାଦର ଘର ସହଦେବଖୁଣ୍ଟା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଉଭୟ ଅଭିଯୁକ୍ତ ଓ ଅନ୍ୟାନ୍ୟ ଅପରାଧୀକ ସାମଗ୍ରୀ ଜବତ କରାଯାଇଥିବା ବେଳେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ସମ୍ବାଦ ଓ ସମାଜସେବାର ଉଜ୍ଜ୍ୱଳ ପ୍ରତିଭା ସ୍ୱର୍ଗତଃ ପ୍ରଫୁଲ୍ଲ କୁମାର ତ୍ରିପାଠୀ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ 'ନାରାୟଣ ସେବା ଫାଉଣ୍ଡେସନ୍' ପକ୍ଷରୁ ବରିଷ୍ଠ ସାମ୍ବାଦିକ, କେନ୍ଦ୍ର ସରକାରଙ୍କ ପୂର୍ବତନ ଉପମହାନିର୍ଦ୍ଦେଶକ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ସ୍ଥାନୀୟ ୟୁନିଟ୍-୩ସ୍ଥିତ ଆନନ୍ଦ ଆଶ୍ରୟ ଜରାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶିବନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ, ସମ୍ପାଦିକା ସମିତା ମହାରଣା ସମ୍ମାନିତ ଅତିଥି ଭାବେ, ସମ୍ପାଦକ ମଦନମୋହନ ପାଢ଼ୀ ଓ ବରିଷ୍ଠ ସାମ୍ବାଦିକ ବ୍ରଜବନ୍ଧୁ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତଃ ତ୍ରିପାଠୀ ସମ୍ବାଦ ଓ ସାମ୍ବାଦିକତା ଏବଂ ସମାଜସେବାର ଜଣେ ଉଜ୍ଜ୍ୱଳ ପ୍ରତିଭା ଥିଲେ ବୋଲି ମତବ୍ୟକ୍ତ କରିବା ସହିତ ଜାମ୍ମୁ-କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ତଥା ସାମ୍ବାଦିକତାକୁ ନୂତନ ଦିଗ ପ୍ରଦାନ କରିବାକୁ ଚେଷ୍ଟିତ ଥିଲେ। ଅସହାୟ, ଅନାଥ ବ୍ୟକ୍ତିମାନଙ୍କ ପାଇଁ ଏକ ସମର୍ପିତ ପ୍ରାଣସତ୍ତା ଥିଲେ ବୋଲି ଅତିଥିମାନେ ସ୍ମୃତିଚାରଣ କରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉଦୀୟମାନ ଯୁବ ସମାଜସେବୀ ନରେନ୍ଦ୍ର ରାଉତଙ୍କୁ ପ୍ରଫୁଲ୍ଲ କୁମାର ତ୍ରିପାଠୀ ସ୍ମୃତି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରି କୋଷାଧ୍ୟକ୍ଷ ଓ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ମତବ୍ୟକ୍ତ କରିଥିଲେ ଯେ ଆଜିର ଯୁବପିଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ନିଜ ନିଜ ସ୍ତରରେ ମା' ମାଟି ଓ ମାତୃଭାଷା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରନ୍ତୁ। ଜରାଶ୍ରମରେ ଥିବା ଅନ୍ତେବାସୀଙ୍କ ପାଇଁ ୨ ମାସର ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା ଧନ୍ୟବାଦ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରମୁଖ ସହାୟତା କରିଥିଲେ ସମାଜସେବୀ ପଦ୍ମଚରଣ ମହାପାତ୍ର, ନାରାୟଣ ଖୁଣ୍ଟିଆ, ପ୍ରକାଶ କୁମାର ସାହୁ ଏବଂ ପିଙ୍କିନା ପ୍ରମୁଖ।

# ମାନସିକ ରୋଗ ଓ ରୋଗୀ



ଗୁଡ଼ାଏ କଥାକୁ ମନରେ ଚାପିଧରିବା ଏବଂ ସବୁବେଳେ ଚିନ୍ତାରେ ରହିବା ମାନସିକ ରୋଗର କାରଣ ହୁଏ। ମାନସିକ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ପ୍ରତି ୪ଜଣ ଭାରତୀୟଙ୍କ ମଧ୍ୟରୁ ଜଣେ ସେମାନଙ୍କ ଜୀବନକାଳ ମଧ୍ୟରେ କେବେ ନା କେବେ କିଛି ପରିମାଣରେ ମାନସିକ ରୋଗାକ୍ରାନ୍ତ ହେଉଛନ୍ତି। ପରିବାରରେ ଅଶାନ୍ତି, ଚାକିରି ଚାପ ଏବଂ ପ୍ରତିଯୋଗିତାପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଅନେକଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଉଛି। ଏକ ପରିସଂଖ୍ୟାନରୁ ଜଣାଯାଏ ଭାରତରେ ୧୦୦ କରାଯାଏ ତେବେ ମସ୍ତିଷ୍କରେ ଥିବା ୩ଟି ନ୍ୟୁରୋଟ୍ରାନ୍ସମିଟର ତଥା ନୋରପାଇନ୍‌ଫ୍ରାଇନ୍, ସେରୋଟୋନିନ୍ ଏବଂ ଡୋପାମାଇନ ଯଦି ସନ୍ତୁଳିତ ଉପାୟରେ କାର୍ଯ୍ୟ ନକରନ୍ତି ତେବେ ଏହା ରାଗ ଏବଂ ଚାପ ପରି ସମସ୍ୟା ସୃଷ୍ଟି କରିପାରେ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ପାଖାପାଖି ୭୦-୮୦ ପ୍ରକାରର ରୋଗ ରହିଛି। ତେବେ ମାନସିକ ରୋଗ ସଂଖ୍ୟା ସେଥିମଧ୍ୟରୁ ୩ ପ୍ରତିଶତ। ଏଥିରେ ରହିଛି ୪, ୫ଟି ଜଟିଳ ରୋଗ ସମସ୍ୟା। ଏଥିମଧ୍ୟରେ ରହିଛି ଡିମେନସିଆ, ସିଜୋଫ୍ରେନିଆ, ବାଇପୋଲର ଡିଜଅର୍ଡ଼ର। ବିଶ୍ୱ ସ୍ୱାସ୍ଥ୍ୟ



କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ମଧ୍ୟରୁ ୧-୨ ପ୍ରତିଶତ ବ୍ୟକ୍ତିବିଶେଷ ସାଂଘାତିକ ମାନସିକ ରୋଗର ଶିକାର ହେଉଛନ୍ତି ଏବଂ ୫ ପ୍ରତିଶତ ଟିକେ କମ୍ ମାନସିକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାଖାପାଖି ୨ କୋଟି ଲୋକ ମାନସିକ ରୋଗରେ ପୀଡ଼ିତ। ଏଥିପାଇଁ ୩,୫୦୦ ଜଣ ମନସ୍ତତ୍ତ୍ୱବିତ୍ ଅଛନ୍ତି ଏବଂ ୧୫୦୦ ମନସ୍ତତ୍ତ୍ୱ ନର୍ସ ଅଛନ୍ତି।

ଭାରତରେ ସହରାଞ୍ଚଳରେ ଅଧିକାଂଶ ଲୋକ ମାନସିକ ରୋଗଗ୍ରସ୍ତ ଏବଂ ଉଦ୍‌ବେଗ ଓ ବିଷାଦର ଚିକିତ୍ସା କରୁଛନ୍ତି। ଅନେକଗୁଡ଼ିଏ ପରିସଂଖ୍ୟାନରୁ ଜଣାଯାଇଛି ପାଖାପାଖି ୨୦-୨୫ ପ୍ରତିଶତ ଲୋକ ରାଗ, ବିଷାଦ ଏବଂ ଚାପକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରାରମ୍ଭିକ ଚିକିତ୍ସା ପର୍ଯ୍ୟାୟରେ ରହୁଛନ୍ତି। ତେବେ ମାନସିକ ରୋଗୀଙ୍କ ସଂଖ୍ୟା ଏତେମାତ୍ରାରେ ବୃଦ୍ଧି ପାଇବାର କାରଣ କ'ଣ ପ୍ରକୃତରେ ଜଣା ପଡୁନଥିବା ବେଳେ ଆଶଙ୍କା କରାଯାଉଛି ଏହା ବଂଶାନୁକ୍ରମିକ ହୋଇପାରେ କିମ୍ବା ପ୍ରଦୂଷିତ ପରିବେଶ ବି ଏହାର କାରଣ ହୋଇପାରେ। ମାନସିକ ରୋଗ ବୃଦ୍ଧି ପାଇବାର ପ୍ରଧାନ କାରଣ ହେଉଛି ଚାକିରି ବୋଝ, ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଶିକ୍ଷା ଏବଂ ପ୍ରେମ ବ୍ୟାପାରକୁ ନେଇ ବିଭାଗ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧି ପାଉଛି। ସୋସିଆଲ ମିଡ଼ିଆ ଫେସବୁକ୍‌କୁ ମଧ୍ୟ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧିର ଅନ୍ୟ ଏକ କାରଣ ବୋଲି ବିବେଚନା କରାଯାଇପାରେ। ନିଜର ଓଜନ କେତେ ତାହା ସେମାନେ ସେମାନଙ୍କ ଫେସବୁକ୍‌ରେ ଆଡ୍ କରିଥିବା ଫଟୋରେ କେତେ ଲାଇକ୍ ଆସୁଛି ସେଥିରୁ ଜାଣିପାରୁଛନ୍ତି। ଯଦି ଲାଇକ ଅଧିକ ଆସୁଛି ତେବେ ଏହା ସେମାନଙ୍କ ମାନସିକ ସ୍ଥିତି ଉପରେ ଖୁବ୍ ଭଲ ପ୍ରଭାବ ପକାଉଛି କିନ୍ତୁ ଲାଇକ୍ ଯଦି କମ୍ ଆସୁଛି ତେବେ କିଛି ମଣିଷ କ୍ରୋଧାନ୍ୱିତ ହୋଇଯାଉଛନ୍ତି ଏବଂ ମନେ ମନେ ଖୁବ୍ ଚିନ୍ତା କରୁଛନ୍ତି ଏବଂ ଅଯଥାରେ ଭାବି ହେଉଛନ୍ତି ସେମାନଙ୍କୁ କେହି ଖାତିର କରୁନାହାନ୍ତି। ତେବେ ସମସ୍ୟା ସେହି କ୍ଷେତ୍ରରେ ବେଶୀ ରହିବ ଯେଉଁ କ୍ଷେତ୍ରରେ ଜଣେ ଅଧିକ ପ୍ରଶଂସା ପାଇବାର ଆଶା ରଖିଥିବେ କିନ୍ତୁ ପାଉନଥିବେ। ତିନୋଟି ଦିଗରୁ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧି ପାଏ। ଗୋଟିଏ ବାୟୋଲୋଜିକାଲ, ଆଉ ଗୋଟିଏ ସାଇକୋଲୋଜିକାଲ ଏବଂ ଅନ୍ୟଟି ସୋସିଆଲ। ମାନସିକ ଦୃଷ୍ଟିକୋଣରୁ ଏହା ଆରମ୍ଭ ହୋଇଥାଏ ଅତ୍ୟଧିକ ଚାପ ହେତୁ। ଦିନକୁ ଦିନ ଚାପ ବୃଦ୍ଧି ପାଇଲେ ମଣିଷ ଏହାକୁ ନିୟନ୍ତ୍ରଣ ନକରିପାରି ମାନସିକ ଭାରସାମ୍ୟ ହରାଇବସେ। ଯଦି ବାୟୋଲୋଜିକାଲ ଦୃଷ୍ଟିକୋଣରୁ ବିଚାର ସଂଗଠନର ରିପୋର୍ଟରୁ ଏହା ମଧ୍ୟ ଜଣାଯାଇଛି ଯେ, ଭାରତରେ ୨୫ ପ୍ରତିଶତଙ୍କ କ୍ଷେତ୍ରରେ ଏହି ମାନସିକ ରୋଗ ସାରା ଜୀବନ ସମସ୍ୟା ସୃଷ୍ଟି କରେ। ଯେତେ ଚିକିତ୍ସା କରାଗଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଭଲ ହୁଏନା। ମହିଳା ଏବଂ ଶିଶୁଙ୍କ କ୍ଷେତ୍ରରେ ଏହିମାନସିକ ରୋଗ ଏତେ ମାରାତ୍ମକ ହୋଇଯାଉଛି ଯେ, ଏହାକୁ ସମ୍ଭାଳିବା ମନସ୍ତତ୍ତ୍ୱବିତ୍‌ଙ୍କ ପକ୍ଷରେ କଷ୍ଟକର ହୋଇଯାଉଛି। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ମାନସିକ ରୋଗାକ୍ରାନ୍ତ ହେଉଛନ୍ତି। ନିକଟରେ ଏକ ପରିସଂଖ୍ୟାନର ଚିତ୍ରରୁ ଯାହା ଜଣାଯାଇଛି ଦେଶରେ ମାନସିକ ରୋଗାକ୍ରାନ୍ତ ରୋଗୀଙ୍କ ପାଇଁ ୩୦,୦୦୦ ପବ୍ଲିକ ହସପିଟାଲ ବେଡ଼ ରହିଛି। ବର୍ତ୍ତମାନ ଭାରତରେ ପାଖାପାଖି ୧୨୦ ମିଲିଅନ ଲୋକ ମାନସିକ ଏବଂ ସ୍ନାୟୁ ଜନିତ ସମସ୍ୟାରେ ଛନ୍ଦି ହୋଇଯାଇଛନ୍ତି। ସାଂଘାତିକ ମାନସିକ ରୋଗରେ ଆକ୍ରାନ୍ତ ୨୪ ମିଲିଅନ ଲୋକ ସବୁ ସମୟରେ ପ୍ରଫେସନାଲ ସହାୟତା ଆବଶ୍ୟକ କରିଥାନ୍ତି। ଭାବବିହ୍ୱଳାତ୍ମକ ଲକ୍ଷଣ : ଚିଡ଼ଚିଡ଼ା ଲାଗିବା ସହ ଅତ୍ୟଧିକ ରାଗ ଏବଂ ବିଷାଦ ବାଦ କିଛି ଭାବବିହ୍ୱଳାତ୍ମକ ଏବଂ ବିଷାଦ ବାଦ କିଛି ଭାବବିହ୍ୱଳାତ୍ମକ ଲକ୍ଷଣ ବି ଏହି ମାନସିକ ରୋଗର ଏକ ଅଂଶବିଶେଷ ବୋଲି ଜାଣିବେ। ଏହିସବୁ ଲକ୍ଷଣମାନ ହେଉଛି - ଭୟ ଲାଗିବା, କୌଣସି କାମରେ ମନୋନିବେଶ ନଲାଗିବା, ଚିନ୍ତା ବଢ଼ିଯିବା, ରାଗ ବଢ଼ିଯିବା, କ୍ଳାନ୍ତ ଲାଗିବା, ବିପଦର ଲକ୍ଷଣସବୁ ଦେଖାଦେବା, ମସ୍ତିଷ୍କ ଶୂନ୍ୟ ହୋଇଯିବାପରି ଲାଗିବା। ସେହିପରି ଶାରୀରିକ ଲକ୍ଷଣ ଗୁଡ଼ିକ ହେଉଛି - ହୃତ୍‌ସ୍ପନ୍ଦନ ଅଧିକ ହେବା, ଝାଳ ବୋହିବା, ପେଟରେ ସମସ୍ୟା ଦେଖାଦେବ ଏବଂ ଅଧିକ ସମୟରେ ଘୁମ୍ ଲାଗିବା, ଅଧିକ ଥର ପରିଶ୍ରା ଲାଗିବ ଏବଂ ଡାଇରିଆ ବି ହୋଇପାରେ, ମାଂସପେଶୀରେ ଯନ୍ତ୍ରଣା ହେବା, ମୁଣ୍ଡ ବିନ୍ଧା ହେବା, ମୋଟାପଣ ବୃଦ୍ଧି ପାଇବ ଏବଂ ନିଦ ଠିକରେ ହେବନି। ବାସ୍ତବ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ। ପ୍ରାରମ୍ଭରୁ ଏହି ରୋଗକୁ କେହି ଜାଣିପାରି ନଥାନ୍ତି। ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସମ୍ୟ ହରାଇଥାଏ। କିନ୍ତୁ ପ୍ରତିରୋଗ ପାଗଳାମି ନୁହେଁ। ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ନିଶ୍ଚିନ୍ତ ଉପଶମ ମିଳିବ।

**—ଡାକ୍ତର ସମ୍ରାଟ କର**
*ସହକାରୀ ପ୍ରଫେସର, ମାନସିକ ରୋଗ ବିଭାଗ, ପୁରୀଘାଟ ରୋଡ଼୍, କଟକ, ଦୂରଭାଷ : ୯୧୩୨୪୩୩୩୩୩*

# ଷାଠିଏ ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ିଠାରୁ ବହୁ ଦୂରରେ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଅକ୍ଟୋବର ୧୫ରୁ ଅକ୍ଟୋବର ୨୧ ପର୍ଯ୍ୟନ୍ତ ଧଳାବାଡ଼ି ସପ୍ତାହ ପାଳନ କରାଯାଇଥାଏ। ଦୃଷ୍ଟିବାଧିତ ବ୍ୟକ୍ତି ନିଜେ କିପରି ଆତ୍ମନିର୍ଭରଶୀଳ ହୋଇ ସ୍ୱଚ୍ଛନ୍ଦରେ ଧଳାବାଡ଼ି ସାହାଯ୍ୟରେ ଯାତାୟତ କରିପାରିବେ ଏ ସପ୍ତାହ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଆମ ରାଜ୍ୟରେ ପାଖାପାଖି ୬୦ ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ି ଠାରୁ ବହୁ ଦୂରରେ। ଅର୍ଥାତ୍ ଏହାକୁ ବ୍ୟବହାର କରନ୍ତି ନାହିଁ। ଯଦ୍ୱାରା ଏମାନେ ସଦାସର୍ବଦା ଅନ୍ୟ ଉପରେ ସାହାରା ହୋଇ ନିର୍ଭରଶୀଳ ହୋଇଯାଉଛନ୍ତି। ତତ୍‌ସହିତ ବିଭିନ୍ନ ପ୍ରକାରର ଅଘଟଣ ଓ ଦୁର୍ଘଟଣାର ଏମାନେ ବି ଶିକାର ହୋଇଥାନ୍ତି। ଦିନକୁ ଦିନ ଧଳାବାଡ଼ି ପ୍ରତି ବଢୁଛି ହୀନମନ୍ୟତା। ଧଳାବାଡ଼ି ବ୍ୟବହାର କଲେ କେହି ଆମକୁ ବୃଦ୍ଧ କିମ୍ବା ବୃଦ୍ଧା ଭାବିବେ ଅଥବା ଦୃଷ୍ଟିବାଧିତ ମନେ କରିବେ ବୋଲି ଧଳାବାଡ଼ିକୁ ଅନେକ ଦୃଷ୍ଟିବାଧିତ ବ୍ୟକ୍ତି ବା ବିଦ୍ୟାର୍ଥୀମାନେ ବ୍ୟବହାର କରୁନାହାଁନ୍ତି ବୋଲି ବିଛନ୍ଦେ ଟ୍ରଷ୍ଟ ଅଫ୍ ୱେଲ୍‌ଫେୟାର, ଭୁବନେଶ୍ୱର ପକ୍ଷରୁ ବାରଙ୍ଗସ୍ଥିତ କନକଦୁର୍ଗା ମନ୍ଦିର ପରିସର ମଧ୍ୟରେ ଆୟୋଜିତ ବିଶ୍ୱ ଧଳାବାଡ଼ି ସପ୍ତାହ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଟ୍ରଷ୍ଟ ପକ୍ଷରୁ ବାରଙ୍ଗ ଉପକଣ୍ଠରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଦୃଷ୍ଟିବାଧିତ ବ୍ୟକ୍ତି ଓ ବିଦ୍ୟାର୍ଥୀଙ୍କୁ ଏହି ଅବସରରେ ମାଗଣାରେ ଧଳାବାଡ଼ି ପ୍ରଦାନ କରାଯାଇଥିଲା। ଧଳାବାଡ଼ିର ବ୍ୟବହାର ନିମନ୍ତେ ଦୃଷ୍ଟିବାଧିତ ମାନଙ୍କୁ ପ୍ରଶିକ୍ଷଣ ନେବାକୁ ପଡ଼ିଥାଏ। କିନ୍ତୁ ଆମ ରାଜ୍ୟରେ ଏ ନେଇ ଓରିଏଣ୍ଟେସନ୍ ଆଣ୍ଡ୍ ମୋବିଲିଟି ଟ୍ରେନିଂ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଆକସ୍ମିକ ଭବେ କୌଣସି ଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କର ଯଦି ଦୃଷ୍ଟିଶକ୍ତି ଚାଲିଯାଏ ତେବେ ଏହି ଟ୍ରେନିଂ ନେବା ପାଇଁ ଜାତୀୟ ଦୃଷ୍ଟିବାଧିତ ଅନୁଷ୍ଠାନ (ଏନ୍‌ଏବି) ମୁମ୍ବାଇକୁ ଯିବାକୁ ପଡ଼ିଥାଏ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ଓ ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ୍ ତ୍ରିଲୋଚନ ବେଉରା ଏହି ଅବସରରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସାମାଜିକ କର୍ମୀ ଦୀପକ ରଞ୍ଜନ ସ୍ୱାଇଁ, ମନୋଜ ସ୍ୱାଇଁ, ପ୍ରବୀଣ ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କୁ ଧଳାବାଡ଼ି ବଣ୍ଟନ କରିଥିଲେ। ଟ୍ରଷ୍ଟର ଚେୟାରମ୍ୟାନ୍ ପ୍ରକାଶ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବାରଙ୍ଗ ବ୍ଲକର ଇଭି ଚାରୁଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ସୁବର୍ଣ୍ଣପୁର ଠାରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ସୁବର୍ଣ୍ଣପୁର, (ପି.ଏନ): ଆର୍ଥିକ ଓ ସାମାଜିକ ନିରାପତାକୁ ସୁଦୃଢ କରିବା ସହ ସଂଚୟକୁ ସୁନିଶ୍ଚିତ କରିବା ବାର୍ତା ନେଇ ଆଜି ସୁବର୍ଣ୍ଣପୁର ଠାରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି । ଭବିଷ୍ୟତକୁ ନଜରରେ ରଖି କଷ୍ଟୋପାର୍ଜିତ ଅର୍ଥର ସଂଚୟ ଆତ୍ମନିର୍ଭର ହେବାକୁ ପ୍ରବର୍ତାଇ ଥାଏ ବୋଲି ଜିଲ୍ଲାପାଳ ଅବୋଲି ସୁନିଲ ନରଓ୍ୱଣେ ଓ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଆଜିର ବ୍ୟୟବହୁଳ ସମୟରେ ମିତବ୍ୟୟିତା ଅପରିହାର୍ଯ୍ୟ ହୋଇ ପଡିଥିବାବେଳେ ପ୍ରଚଳିତ ସ୍ୱଳ୍ପ ସଂଚୟ ଯୋଜନାକୁ ନେଇ ଜନ ଜାଗରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରପ୍ରାପ୍ତ ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ତତ୍ୱାବଧାନରେ ପରିଚାଳିତ ସଚେତନତା ଶୋଭାଯାତ୍ରା ତଥା ସଂଚୟ ରଥ ପରିକ୍ରମା କାର୍ଯ୍ୟକ୍ରମରେ ମହାରାଜ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ସାହାରା ଟ୍ରଷ୍ଟ ହାଇସ୍କୁଲର ଏନ.ସି.ସି., ସ୍କାଉଟ, ଗାଇଡ୍, ଛାତ୍ରଛାତ୍ରୀଙ୍କ ଦ୍ୱାରା ଦିବସ ଅବସରରେ ସଚେତନତା ରାଲି ସହର ପରିକ୍ରମା କରିଥିବା ବେଳେ ସଂଚୟ ରଥ ଜିଲ୍ଲାର ବିଭିନ୍ନ ବ୍ଲକ ପରିକ୍ରମା କରି ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଜନଜାଗରଣ ସୃଷ୍ଟି କରିବ। ଅନୁଷ୍ଠିତ ଶୋଭାଯାତ୍ରା ଓ ସଂଚୟ ରଥକୁ ଜିଲ୍ଲାପାଳ ଶ୍ରୀମତୀ ନରଓ୍ୱଣେ ସହର ସ୍ଥିତ ଆମ୍ବେଦକର ଛକ ଠାରେ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ପୋଷ୍ଟାଲ ଏଜେଂଟ, ଶିକ୍ଷକ ଶିକ୍ଷୟତ୍ରୀ, ବୁଦ୍ଧିଜୀବୀ, ଜିଲ୍ଲା ସ୍ତରୀୟ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦାନ କରିଥିଲେ। ବିଭଗୀୟ କର୍ମଚାରୀ ଦୁଃଖିଶ୍ୟାମ ସେଠୀ, ସଞ୍ଜୟ ବାରିକ, ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଲକ୍ଷ୍ମଣ ମେହେରଙ୍କ ବିରୁଦ୍ଧରେ ହୋଇଥିବା ଆବେଦନ ହାଇକୋର୍ଟରେ ଖାରଜ

ବଲାଙ୍ଗିର, (ପି.ଏନ): ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ୧୫ଟି ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ହେବାକୁ ଯାଉଛି । ଏଥିପାଇଁ ସବୁ ପ୍ରସ୍ତୁତି ସରିଯାଇଛି । ତେବେ ୧୫ ନମ୍ବର ୱାର୍ଡର ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ଲଢୁଥିବା ପୂର୍ବତନ ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ନାମାଙ୍କନକୁ ଅଯୋଗ୍ୟ ଘୋଷଣା କରିବାକୁ ତାଙ୍କ ପ୍ରତିଦ୍ୱନ୍ଦୀ ନବକୃଷ୍ଣ ଦନ୍ତା ହାଇକୋର୍ଟରେ କରିଥିବା ଆବେଦନ ଖାରଜ ହୋଇଯାଇଥିବା ଜଣାଯାଇଛି । ବ୍ୟାଙ୍କର ସଭାପତି ଥିବା ବେଳେ ଲକ୍ଷ୍ମଣଙ୍କ ନାମରେ ୧ ଲକ୍ଷ ୩୪ ହଜାର ଟଙ୍କାର ଆର୍ଥିକ ଅନିୟମିତତା କରାଯାଇଥିବା ଅଭିଯୋଗ ଦର୍ଶାଇ ତାଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ବଲାଙ୍ଗିର ସମବାୟ ନିର୍ବାଚନ ଅଧିକାରୀ ଥିବା ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆଙ୍କ ପାଖରେ ସ୍କୃଟିନି ବେଳେ ନବକୃଷ୍ଣ ଆବେଦନ କରିଥିଲେ । କିନ୍ତୁ, ନବକୃଷ୍ଣଙ୍କ ଅଭିଯୋଗକୁ ନିର୍ବାଚନ ଅଧିକାରୀ ଗ୍ରହଣ କରିନଥିଲେ ଓ ଲକ୍ଷ୍ମଣଙ୍କ ପ୍ରାର୍ଥୀପତ୍ରକୁ କାୟମ ରଖିଥିଲେ । ଏହାକୁ ଚ୍ୟାଲେଞ୍ଜ କରି ନବକୃଷ୍ଣ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ।

# ମାଲକାନଗିରି ପୌରାଚଂଳରେ ମୁକ୍ତା ଯୋଜନା ଦିଗହରା

ମାଲକାନଗିରି, (ପି.ଏନ): ମାଲକାନଗିରି ପୌରାଚଂଳରେ କରୋନା ସମୟରେ ଲୋକଙ୍କ ସହ ଶ୍ରମିକ ଶ୍ରେଣୀର ଲୋକେ ବେଶୀ ପ୍ରଭାବିତ ହୋଇଥିଲେ। ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରୁଥିବା ପ୍ରବାସୀ ଶ୍ରମିକମାନେ ଘରକୁ ବାହୁଡି ଥିଲେ। ଏଠାରେ ମଧ କାମ ନ ମିଳିବାରୁ ଲୋକେ ଅତି ଦୟନୀୟ ଭାବେ ରହୁଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସହରାଚଂଳରେ ବାସ କରୁଥିବା ଅସହାୟ ଶ୍ରମିକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା)ରେ କାମ ଯୋଗାଇ ଦେଇଥିଲେ। ଯୋଜନାରେ ଲୋକେ ଉପକୃତ ହେବେ ବୋଲି ଯେଉଁ ଆଶା କରାଯାଇଥିଲା, ତାହା ପୌରାଚଂଳରେ ବିଫଳ ହୋଇଥିବା ଅଭିଯୋଗ ହେଉଛି। ମୁକ୍ତା ଯୋଜନାରେ ନିର୍ମାଣ ହୋଇଥିବା ପ୍ରକଳ୍ପର ଚିହ୍ନବର୍ଣ୍ଣ ଏବେ ହଜିଗଲାଣି। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡିଥିବା ଅଭିଯୋଗ ହେଉଛି ।ମୁକ୍ତା ଯୋଜନାରେ ପୌରପରିଷଦ ପକ୍ଷରୁ ଅର୍ଥ ବ୍ୟୟ କରାଯାଇ ବିଭିନ୍ନ ପ୍ରକଳ୍ପ ନିର୍ମାଣ ନେଇ ସ୍ୱୟଂ ସହାୟକ ଗୋଷ୍ଠୀକୁ କାମ ଦିଆଯାଇଥିଲା। ପ୍ରାୟ ୨୫୦ଟି ଜଳ ଅମଳ ପ୍ରକଳ୍ପ (ଡବ୍ଲୁଏଚଏସ୍) ନିର୍ମାଣ ଅତି ତରବରିଆ ଭାବେ କରାଯାଇଥିଲା। ଏଥିପାଇଁ ୧ କୋଟି ୯୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଗୋଟିଏ ଗୋଟିଏ ଜଳ ଅମଳ ପ୍ରକଳ୍ପ ପାଇଁ ୮୦ ହଜାରରୁ ୭୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ସେହି ଜଳ ଅମଳ ପ୍ରକଳ୍ପଗୁଡିକ ଏବେ ହଜି ଯାଇଥିବା ଦେଖିବାକୁ ମିଳିଛି। ଏହି ପ୍ରକଳ୍ପଗୁଡିକର ଚିହ୍ନବର୍ଣ୍ଣ ଦିଶୁନାହିଁ। କେବଳ ଫଳକ ଅଛି, ଲେଖା ଲିଭି ଗଲାଣି। ଜଳ ଅମଳ ପ୍ରକଳ୍ପଗୁଡିକ ପଡି ରହିଛି। କାରଣ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାମରେ ଅନ୍ୟମାନେ ଏହି କାମକୁ ଅତି ନିମ୍ନମାନରେ ତିଆରି କରି ଟଙ୍କା ବିଭାଗୀୟ ଅଧିକାରୀଙ୍କ ସହ ମିଶି ହଡପ କରିଥିବା ଅଭିଯୋଗ ହେଉଛି। ୨୦୧୮ ସେପ୍ଟେମ୍ବରରୁ ପରିଷଦ ଭାଙ୍ଗି ଯାଇଥିବାରୁ ୱାର୍ଡରେ କାଉନସିଲର ନ ଥିଲେ। ଫଳରେ ବିଭାଗୀୟ ଅଧିକାରୀମାନେ ଅତି ତରବରିଆ ଭାବେ ମନଇଚ୍ଛା ଯେଉଁଠି ପାରିଲେ ସେଠି ଏହି ପ୍ରକଳ୍ପକୁ ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ହଡପ କରିଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଯେଉଁ ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା ତାହାର କୌଣସି ସୁଫଳ ମିଳିବ ନାହିଁ ବୋଲି କୁହାଯାଇଛି। ତେବେ ମୁକ୍ତା ଯୋଜନାରେ ସହରର କାନ୍ଥରେ ରଙ୍ଗ ଦେବା ବା ଚିତ୍ରକଳା କରିବା, ମିନି ପାର୍କ ନିର୍ମାଣ, ମିଶନ ଶକ୍ତି ଗୃହ ନିର୍ମାଣ, ବର୍ଷା ଜଳ ସଂରକ୍ଷଣ, ବିଭିନ୍ନ ସ୍ଥାନରେ ପରିଶ୍ରାଗାର, ବଡ ପୋଖରୀ ନିର୍ମାଣ ସହ ପାର୍କର ବ୍ୟବସ୍ଥା, ଜିମ୍ କରିବା ଭଳି କାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ମୁକ୍ତା ଯୋଜନାରେ ଆସିଥିବା ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ଏହାର କୌଣସି ଫାଇଦା ଲୋକେ ପାଇ ପାରୁ ନ ଥିବା ଦେଖିବାକୁ ମିଳିଛି। ତେବେ ଯେଉଁ ଜାଗାରେ ବର୍ଷା ଜଳ ସଂରକ୍ଷଣ ପାଇଁ ସୋକ୍ ପିଟ ନିର୍ମାଣ କରାଯାଇଛି ସେଠାରେ ଆଗରୁ ଗାଡଥିବା ବେଳେ ଏବେ ତାହା ମାଟିରେ ମିଶିଯାଇଛି। ସହରର ଭୂତଳ ଜଳସ୍ତର ବୃଦ୍ଧି ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନାକୁ ପୌରା ଅଧିକାରୀ ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।ଏ ନେଇ ପୌର ପରିଷଦର ଅଧକ୍ଷ ମନୋଜ ବାରିକଙ୍କୁ ପଚାରିବାରୁ ମୁକ୍ତା ଯୋଜନା କାର୍ଯ୍ୟକ୍ଷମ ଅଛି, ଯାହା ଖରାପ ହେଉଛି ପୁଣି କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

## ବଲାଙ୍ଗିର ଠାରେ ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍ ଅନୁଷ୍ଠିତ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ସହର ସ୍ଥିତ ଗାନ୍ଧୀ ଷ୍ଟାଡିୟମ ଠାରେ ଫିଟ ଇଣ୍ଡିଆ ଫ୍ରିଡମ ରନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରେଡକ୍ରସ ସୋସାଇଟି ଏବଂ ଜିଲ୍ଲା ପରିବହନ ବିଭାଗ ସହଯୋଗରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଫିଟ ଇଣ୍ଡିଆ ଫ୍ରିଡମ ରନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚଂଚଳ ରାଣା, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର ପତାକା ଦେଖାଇ ଗାନ୍ଧୀ ଷ୍ଟାଡିୟମ ଠାରୁ ଫିଟ ଇଣ୍ଡିଆ ଫ୍ରିଡମ ରନ ର ଶୁଭାରମ୍ଭ କରିଥିଲେ। ଫିଟ ଇଣ୍ଡିଆ ଫ୍ରିଡମ ରନ ରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ସରକାରୀ ଅଧିକାରୀ ଓ କର୍ମଚାରୀ, ଏନ.ସି.ସି., ରେଡକ୍ରସ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନର କର୍ମକର୍ତା ମାନେ ଅଂଶ ଗ୍ରହଣ କରିଥିଲେ। ଫିଟ ଇଣ୍ଡିଆ ଫ୍ରିଡମ ରନ ଗାନ୍ଧୀ ଷ୍ଟାଡିୟମ ଠାରୁ ବାହାରି ବାଇପାସ ରୋଡ, ଶାନ୍ତିପଡା ଦେଇ ସରକାରୀ ଆଇ.ଟି.ଆଇ. ପର୍ଯ୍ୟନ୍ତ ଯାଇ ପୁଣି ଗାନ୍ଧୀ ଷ୍ଟାଡିୟମକୁ ଫେରିଥିଲା । ଫିଟ ଇଣ୍ଡିଆ ଫ୍ରିଡମ ରନ ରେ ବାଳକ ବିଭାଗରେ ରୋଶନ ହରପାଲ, ହରିଶ ପ୍ରଧାନ, ହେମନ୍ତ ବରିହା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବାଳିକା ବିଭାଗରେ ରିମା ସୁନା, ରଶ୍ମିତା ଦୀପ, ମଲ୍ଲିକା ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଠାରୁ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ଉପ –ଜିଲ୍ଲାପାଳ କୁମାର ନାଗଭୂଷଣଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲା କ୍ରୀଡା ସଂସଦର କର୍ମକର୍ତା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପଞ୍ଚ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା। ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ। ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି। ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଇବୁଗା ଆଦି ୧୦ଟି ସାହି ବିଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପଞ୍ଚ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅଞ୍ଚଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ। ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି। ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଳଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି। ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି। ଏଥିସହ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସହର ତଳି ଲୋଚ଼ାପଡା ପଞ୍ଚାୟତ ଏବଂ ଅନ୍ୟ ତିନୋଟି ଗ୍ରାମକୁ ବିଏମସିରେ ସାମିଲ




ବ୍ରହ୍ମପୁର,(ପି.ଏନ); ସହର ତଳି ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବା ଉଦ୍ଦେଶ୍ୟରେ ଗଠିତ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ସ୍ୱତନ୍ତ୍ର ବୈଠକ ବ୍ରଜନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଗତ ୨୮ ତାରିଖରେ ହାଇ କୋର୍ଟଙ୍କ ନିର୍ଦ୍ଧ ?ଶ କାର୍ଯ୍ୟକାରୀ କରିବାକୁ ଯାଇ ଲୋଚ଼ାପଡା ପଞ୍ଚାୟତ ସହ ବଡ଼ କୁଷସ୍ଥଳି ପଞ୍ଚାୟତର ସାନକୁଶସ୍ଥଳି ଗ୍ରାମ , ଗଞ୍ଜୁ ପଞ୍ଚାୟତର ବ୍ରାହ୍ମଣ ପଲ୍ଲି ଗ୍ରାମ ଏବଂ ଗୋଳାବନ୍ଧ ପଞ୍ଚାୟତର ଗୋଳାବନ୍ଧ ଆର୍ମି କଲେଜକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ନେଇ ଯେଉଁ ଅଧିସୂଚ଼ନା ଜାରି କରି ୩୦ ଦିନ ମଧ୍ୟରେ ଏ ନେଇ ଜନସାଧାରଣଙ୍କ ଠାରୁ ଏ ସମ୍ବନ୍ଧରେ ଯେଉଁ ଆପତ୍ତି ଓ ପରାମର୍ଶ ଆହ୍ୱାନ କରିଛନ୍ତି ସେ ବାବଦରେ ବିସ୍ତୃତ ଆଲୋଚ଼ନା କରାଯିବା ସହ ବିଳମ୍ବରେ ହେଲେ ମଧ ରାଜ୍ୟ ସରକାର ସହର ତଳି ଅଞ୍ଚଳ ମିଶ୍ରଣ ନେଇ ପଦକ୍ଷେପ ଓ ପକ୍ରିୟା ଆରମ୍ଭ କରିଥିବାରୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ସ୍ୱାଗତ କରାଯିବ ସହ ସରକାରଙ୍କୁ କୃତଜ୍ଞତା ଜଣାଯାଇଛି । ଯଦିଓ ସରକାରଙ୍କ ଏହି ବିଳମ୍ବିତ ପଦକ୍ଷେପକୁ ନେଇ କିଛିଟା ଅସନ୍ତୋଷ ସଦସ୍ୟ ମାନଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥିଲା ।କିନ୍ତୁ ଲେଟ ଇଜ୍ ବେଟର ଦେନ ନେଭର ନ୍ୟାୟରେ ସରକାରଙ୍କ ଏହି ବିଳମ୍ବିତ ପଦକ୍ଷେପ ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିବା ସହ ସେହି ଅଞ୍ଚଳର ଭିତ୍ତିଭୂମିର ବିକାଶ ସହ ଜୀବନ ଧାରଣର ମୌଳିକ ସୁବିଧା ଗୁଡ଼ିକ ଉପଲବ୍ଧ ହେଇ ପାରିବାର ଆଶା ସେ ଅଞ୍ଚଳର ବାସିନ୍ଦାଙ୍କ ମନରେ ଆଶା ସଂଚ଼ାର କରି ପାରିଛି। ତିରିଶ ଦିନର ଏହି ଅବଧି କେବଳ ଔପଚ଼ାରିକତା ମାତ୍ର ବୋଲି ବୈଠକରେ ସୂଚ଼ନା ଦିଆଯାଇ ଥିଲା କାରଣ ଯାହା ହେଉଛି ତାହା ମାନ୍ୟବର ଉଚ୍ଚ଼ ନ୍ୟାୟାଳୟଙ୍କ ନିଷ୍ପତ୍ତି ଓ ନିର୍ଦ୍ଧ ?ଶ ଆଧାର ଅନୁଯାୟୀ ହେଉଛି , ତେଣୁ ମିଶ୍ରଣ ନେଇ ଆଉ କୌଣସି ପ୍ରତିବନ୍ଧକ ନାହିଁ ବୋଲି ବୈଠକରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ପ୍ରକାଶ କରିଥିଲେ ।ଏଠାରେ ପ୍ରଣିଧାନଯୋଗ୍ୟ ଯେ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ମୂଳ ମାମଲାରେ ୨୦୦୮ ମସିହା ଗେଜେଟ ନୋଟିଫିକେସନ ଅନୁଯାୟୀ ମହାନଗର ପାର୍ଶ୍ୱବର୍ତ୍ତୀ ୧୮ ଟି ପଞ୍ଚାୟତକୁ ବିଏମସିରେ ସାମିଲ କରିବା ନେଇ ହାଇ କୋର୍ଟରେ ରିଟ୍ ଫାଇଲ କରାଯାଇଥିଲା । ମାମଲାର ଶୁଣାଣି କରି ହାଇକୋର୍ଟ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ପାଇଁ ଇଚ୍ଛ଼ା ପ୍ରକାଶ କରି ସଂକଳ୍ପ ପାସ କରିଥିବା ଏବଂ ଜିଲ୍ଲାପାଳଙ୍କ ଅନୁମୋଦନ ଲାଭ କରିଥିବା ପଞ୍ଚାୟତ ଏବଂ ଗ୍ରାମକୁ ତିନି ମାସ ମଧ୍ୟରେ ମହାନଗର ନିଗମରେ ସାମିଲ କରିବା ନେଇ ପଦକ୍ଷେପ ଗ୍ରହଣ କରି ପକ୍ରୀୟା ସାରିବାକୁ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ। କିନ୍ତୁ ପୌର ପ୍ରଶାସନ ସେ ସମୟ ସୀମା ଭିତରେ କୌଣସି ପଦକ୍ଷେପ ଗ୍ରହଣ କରିବାରେ ଅକ୍ଷମ ରହିବାରୁ କ୍ରିୟାନୁଷ୍ଠାନ କମିଟି ତରଫରୁ ନିର୍ଦ୍ଦେଶକ ପୌର ପ୍ରଶାସନ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର କରାଯାଇଥିଲା। ଅଦାଲତ ଅବମାନନା ମାମଲାର ବିଚ଼ାର କରି ହାଇକୋର୍ଟ ନିର୍ଦ୍ଦେଶକ ପୌର ପ୍ରଶାସକଙ୍କୁ ପୂର୍ବ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଏକ ମାସ ମଧ୍ୟରେ ସାମିଲ ନେଇ ପଦକ୍ଷେପ ଗ୍ରହଣ କରି ପକ୍ରିୟାରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ କହିଥିଲେ। ତଦନୁଯାୟୀ ପୌର ପ୍ରଶାସକ ପଦକ୍ଷେପ ଗ୍ରହଣ କରି ପକ୍ରିୟା ଆରମ୍ଭ କରିଛନ୍ତି ଯାହା ସମସ୍ତଙ୍କୁ ଆଶ୍ୱସ୍ତି ଆଣିଛି ।ଅଧିକନ୍ତୁ କମିଟି ଏଥିରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ନୁହଁ । କମିଟି ତାର ମୂଳ ଦାବୀ ଉପରେ କାୟମ ରହିଛି ।ସରକାର ପରବର୍ତ୍ତୀ ସମୟରେ କଣ ଓ କିପରି ପଦକ୍ଷେପ ନେଉଛନ୍ତି କମିଟି ତାହା ଉପରେ ତୀକ୍ଷଣ ନଜର ରଖିବ । ସମସ୍ତ ୧୮ ଟି ଯାକ ପଞ୍ଚାୟତ ବିଏମସିରେ ସାମିଲ ନହେବା ପର୍ଯ୍ୟନ୍ତ କମିଟି ତାର ପ୍ରଚେଷ୍ଟା ଓ ଆନ୍ଦୋଳନ ଜାରି ରଖିବ ବୋଲି ଆଜିର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଜିର ବୈଠକରେ ଲୋଚ଼ାପଡାଗ୍ରାମ ସହ ସମସ୍ତ ନଗରର ପ୍ରତିନିଧି ଏବଂ ନୀମଖଣ୍ଡି , ଜଗଦଳ ପୁର ଓ ହଳଦିଆପଦର ପଞ୍ଚାୟତ ଅନ୍ତର୍ଗତ ଶକ୍ତିନଗର ,ଓମ୍ ବିହାର , ନିଗମାନନ୍ଦ ନଗର କମିଟି କାର୍ଯ୍ୟକର୍ତ୍ତା ଗଣ ଯୋଗ ଦେଇଥିଲେ। ବୈଠକରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନାରାୟଣ ଚ଼ନ୍ଦ୍ର ପାଇଛା , ଯୁଗ୍ମ ସମ୍ପାଦକ ଟି ସୁଦେଶ କୁମାର ପାତ୍ର ମଞ୍ଚାସିନ ଥିଲା ବେଳେ ସହ ସମ୍ପାଦକ ବି ଭି ସାଗର, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପଢ଼ୀହାରୀ, ସଂଯୋଜକ ସି ଏଚ୍‌ଚ଼ ରାମ କ୍ରିଷ୍ଣା ଦାସ,ସହ ସଂଯୋଜକ ଅନିଲ ଅଧିକାରୀ, ସହ ପ୍ରଭାରୀ ଅଜିତ୍ ପଟ୍ଟନାୟକ, କୋଷାଧକ୍ଷ ଲାବଣ୍ୟ ପାତ୍ର , ସହ କୋଷାଧକ୍ଷ କେ ସୁଦାମ ପାତ୍ର , ସୁନିଲ ପାତ୍ର , ଶିବ ପ୍ରସାଦ ପାତ୍ର,ବରୁଣ କୁମାର ଚୌଧୁରୀ, ଅନନ୍ତ ନାରାୟଣ ମହାନ୍ତି, ଜଗନ୍ନାଥ ମହାରଣା, ଉମା ଶଙ୍କର ସାହୁ,ଏମ , ନରସିଂହ ପାତ୍ର , ସୁବାଷ ପାତ୍ର, ବିଷ୍ଣୁ ପ୍ରସାଦ ସାହୁ, ବିଜୟ ବେହେରା , ସଚ୍ଚ଼ିଦାନନ୍ଦ କର,ଶରତ ଚ଼ନ୍ଦ୍ର ପଟ୍ଟନାୟକ,ଏମ ତାରେକେଶ୍ୱର ଦୋରା,ଏସ ସି ପାତ୍ର,ବିକେ ବେହେରା, ରମା ରଞ୍ଜନ ପଣ୍ଡା,ଜି ,ବି , ସ୍ୱାମୀ, ପୂର୍ଣ୍ଣ ଚ଼ନ୍ଦ୍ର ବେହେରା, ଚ଼ିନ୍ତାମଣି ପାଢ଼ୀ,ବି ସୁଦର୍ଶନ ପାତ୍ର, ଗଣେଶ ଚ଼ନ୍ଦ୍ର ଦାସ, ଗୋପାଳ ଚ଼ନ୍ଦ୍ର ମିଶ୍ର, ଜିତେନ୍ଦ୍ର କୁମାର ପାଢ଼ୀ,ଉମା ପ୍ରସାଦ ପାତ୍ର, ସୁରେଶ ଚ଼ନ୍ଦ୍ର ରଥ, ଶରତ ଚ଼ନ୍ଦ୍ର ସାହୁ, ପ୍ରମୋଦ ଚ଼ନ୍ଦ୍ର ପାଢ଼ୀ, କୁଞ୍ଜ ବିହାରୀ ପଟ୍ଟନାୟକ, ପ୍ରତାପ ଚ଼ନ୍ଦ୍ର ତ୍ରିପାଠୀ, ପ୍ରଶାନ୍ତ କୁମାର ଦାସ,ଗରୀବ ବନ୍ଧୁ ପାଣିଗ୍ରାହୀ, ସୁରେଶ ଚ଼ନ୍ଦ୍ର ରାଓ, ରାଧା ଚ଼ରଣ ସାହୁ,ଏସ, ବୈରୀ, କାହ୍ନୁ ଚ଼ରଣ ଚୌଧୁରୀ, ଦେବୀ ପ୍ରସାଦ ଦାସ, କିଶୋର ଚ଼ନ୍ଦ୍ର ଆଚ଼ାର୍ଯ୍ୟ, ପ୍ରଦୀପ କୁମାର ସାହୁ,ଏ ରାମା ରାଓ, ଜଗନ୍ନାଥ ପ୍ରଧାନ, ସତୀଶ କୁମାର ବେହେରା,ପି , ପ୍ରବୀଣ, ଭୁବନେଶ୍ୱର ଜେନା, ସୁମନ ସାବତ, ରାଜା ସାହୁ, ପିଣ୍ଟୁ ସାହୁ,ଟି ବିଭୂତି ଭୂଷଣ ପାତ୍ର ଓ ଏସ,ସି , ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୀବ କୁମାର ପଟ୍ଟନାୟକ , ସଭାପତି, ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି, ବ୍ରହ୍ମପୁର।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday November 01, 2022 ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୦୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ନ୍ତଭାରତ ଯୋଡ଼-ଓଡ଼ିଶା' ପରିବର୍ତ୍ତନ ଯାତ୍ରା ଆଜିଠୁ ଇନ୍ଦିରା ପାର୍କରୁ ଆରମ୍ଭ ହେଲା : କଂଗ୍ରେସ



ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ସ୍ଥିତ ଇନ୍ଦିରା ପାର୍କ ଠାରୁ ଆଜି ଭାରତ ଯୋଡ଼ ଓଡ଼ିଶା ପରିବର୍ତନ ଯାତ୍ରାର ଶୁଭାରମ୍ଭ ହେଲା। ସକାଳେ ଇନ୍ଦିରା ପାର୍କ ଠାରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ସର୍ବଧର୍ମ ପ୍ରାର୍ଥନା ସମାପ୍ତି ପରେ ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ପତାକା ହଲାଇ ଏ ଯାତ୍ରାର ଶୁଭାରମ୍ଭ କରିଥିଲେ। ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଲେ ଯେ ଏହି ଭାରତ ଯୋଡ଼ ଓଡ଼ିଶା ପରିବର୍ତନ ଯାତ୍ରା ଓଡ଼ିଶାର ୨୭ଟି ଜିଲ୍ଲା ୧୯ଟି ସଂସଦୀୟ କ୍ଷେତ୍ର ଦେଇ ୨୨୫୦ କି.ମି. ଅତିକ୍ରମ କରିବ। ପାଖାପାଖି ୧୦୦ ଦିନରୁ ଅଧିକ ଧରି ଏହି ଯାତ୍ରା ଚାଲୁ ରହିବ। ଏହି ଯାତ୍ରା ଓଡ଼ିଶାର ଏବଂ ଭାରତ ବର୍ଷର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବା ଆସନ୍ତା ଦିନରେ ଭାରତବର୍ଷକୁ ଘୃଣା, ବିଦ୍ୱେଷ ଏବଂ ହିଂସାମୁକ୍ତ ଦେଶ ଗଢ଼ କରିବା ସହିତ ଓଡ଼ିଶାର ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ରୋଜଗାର ସମସ୍ୟା, ଗରିବ, ଖଟିଖିଆ, ଶ୍ରମିକ ସ୍ୱଳ୍ପଆୟକାରୀ ବର୍ଗ, ନିମ୍ନ ମଧ୍ୟବିତ ଓ ମଧ୍ୟବିତ ବର୍ଗଙ୍କ ସ୍ୱାର୍ଥପାଇଁ ଏ ଯାତ୍ରା। ମୁଦ୍ରାସ୍ଫିତି, ଦରଦାମ ବୃଦ୍ଧି, ମନଇଚ୍ଛା ଜିଏସଟି ଅତ୍ୟାବଶକୀୟ ଦ୍ରବ୍ୟ ଉପରେ ଲାଗୁ କରିବା, ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସର ଅହେତୁକ ଦରଦାମ ବୃଦ୍ଧି ସହିତ କୃଷିଜାତ ସାମଗ୍ରୀର ଅଭାବିବୀକ୍ରି, କୃଷକର ଆୟ ଆଜି ସର୍ବନିମ୍ନ ସାରା ଭାରତ ବର୍ଷରେ ଏ ସମସ୍ତ ଘଟଣାକୁ ନେଇ ଆଜି ଏହି ଯାତ୍ରା। ଏ ଯାତ୍ରା ରାଜ୍ୟର ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ବର୍ଦ୍ଧିତ ଅତ୍ୟାଚାର, ହିଂସା, ଦୁଷ୍କର୍ମ ବିରୋଧରେ। ରାଜ୍ୟର ଆଇନଶୃଙ୍ଖଳା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ସରକାରୀ ବାବୁମାନେ ନିରପେକ୍ଷତା ଅବଲମ୍ବନ କରିବା ପରିବର୍ତେ ପକ୍ଷଧର ହେଉଛନ୍ତି। ଏହା ଦ୍ୱାରା ଆଜି ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନ ସବୁ ଦିନକୁ ଦିନ ଦୁର୍ବଳ ହୋଇଯାଉଛି। ପ୍ରତିଦିନ ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ, ହତ୍ୟା ଏ ସବୁ ନିତିଦିନିଆ ଘଟଣା ହୋଇଗଲାଣି। ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଆଜି ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ଦୀର୍ଘ ୨୨ ବର୍ଷର ଶାସନ ଭିତରେ ଯେତେଗୁଡ଼ିଏ ପ୍ରତିଶୃତି ଦେଇଥିଲେ ଗୋଟିଏ ବି ପ୍ରତିଶୃତି ପୂରଣ ହୋଇପାରିଲା ନାହିଁ। ୨୦୧୪ ମସିହା ପାଖରୁ ନରେନ୍ଦ୍ର ମୋଦି ଭାରତ ବର୍ଷର ଯୁବକ ମାନଙ୍କ ଠାରୁ ଆରମ୍ଭ କରି ମହିଳାମାନଙ୍କ ପର୍ଯ୍ୟନ୍ତ ଯେତେସବୁ ପ୍ରତିଶୃତି ଦେଇଥିଲେ ଆଜି ସେସବୁ ବୃଥା ଆସ୍ୱାଳନ ବୋଲି ଲୋକମାନେ ଜାଣିସାରିଲେଣି। ଧର୍ମ, ଜାତି ମଧ୍ୟରେ ବିଭେଦ ସୃଷ୍ଟିକରି ଆଜି ବିଜେପି ଏବଂ ଆରଏସଏ ଭାରତ ବର୍ଷକୁ ଦୁର୍ବଳ କରିବାପାଇଁ ଚେଷ୍ଟା କରୁଛନ୍ତି। ତାଙ୍କର ଏହି ଚେଷ୍ଟାକୁ କେବେହେଲେ ସଫଳ କରିବାକୁ ଦିଆଯିବ ନାହିଁ। ଯାତ୍ରା ସମୟରେ ଭୁବନେଶ୍ୱର ସ୍ଥିତ ରାମ ମନ୍ଦିର ରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ, ଡ. ଏ ଚେଲା କୁମାର ଏବଂ ଅନ୍ୟ ନେତୃବୃନ୍ଦ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ ଏବଂ ରସୁଲ ଗଡ଼ ଛକଠାରେ ସୁବାଷ ବୋଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। କଂଗ୍ରେସ ଭବନଠାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଓ ନେତୃଗଣ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଡ. ଏ ଚେଲ୍ଲା କୁମାର, ସହ ପ୍ରଭାରୀ ଜି. ରୁଦ୍ର ରାଜୁ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକ, ଶ୍ରୀଯୁକ୍ତ ଜୟଦେବ ଜେନା, ଶ୍ରୀଯୁକ୍ତ ପ୍ରସାଦ ହରିଚନ୍ଦନ, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ରାମଚନ୍ଦ୍ର ଖୁଂଟିଆ, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା, ଦାସରଥି ଗମାଙ୍ଗୋ, ଅଧିରାଜ ପାଣିଗ୍ରାହୀ, ଅମର ପ୍ରଧାନ, ରବିନ୍ଦ୍ର ମଲ୍ଲିକ, ରବିନ୍ଦ୍ର ସେଠୀ, ଜଗନ୍ନାଥ ପଟ୍ଟନାୟକ, ବନ୍ଦିତା ପରିଡ଼ା, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ବିଜୟଲକ୍ଷ୍ମୀ ସାହୁ, ଶରତ ରାଉତ, ଚିରିବ ବିଶ୍ୱାଳ, ଶିବାନନ୍ଦ ରାୟ, ୟାସିର ନୱାଜଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଏହି ପଦଯାତ୍ରାରେ ସାମିଲ ହୋଇ ଚାଲିଥିଲେ। ବହୁ ବିଶିଷ୍ଟ କଂଗ୍ରେସ ନେତୃବର୍ଗ ଗଣେଶ୍ୱର ବେହେରା, ପଂଚାନନ କାନୁନଗୋ, ବିଶ୍ୱଜିତ ଦାଶ, ମାନସ ଚୌଧୁରୀ, ସସ୍ମିତା ବେହେରା, ସ୍ମୃତି ଲେଙ୍କା, ଅଭିଷେକ ମହାନନ୍ଦ, ନକୁଳ ନାୟକ, ଜିଆଉଲ ହକ, ପୃଥିବୀ ବଲ୍ଲଭ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ଅମୀୟ ପଟ୍ଟନାୟକ, ସନତ ଦାସ, ରଜତ ଚୌଧୁରୀ, ସଂଜୀବ ଗିରି, ତାରା ପଟ୍ଟନାୟକ, ଯୋଗୀନାଥ ବାହୁବଳେନ୍ଦ୍ର, ବିଭୁତି ମିଶ୍ର, ବିସ୍ମୟ ମହାପାତ୍ର, ରଜନୀ ମହାନ୍ତି, ଲୋକନାଥ ମହାରଥି, ପ୍ରକାଶ ମିଶ୍ର, ପଦ୍ମାକର ଗୁରୁ, ମାନସ ଆଚାର୍ଯ୍ୟ, ପ୍ରକାଶ ଜେନା, ଶ୍ରୀନିବାସ ରାଉତରାୟ, ମନୋଜ ବିଶ୍ୱାଳ, ଲିଙ୍ଗରାଜ ସାହୁ, ଆଲୋକ ଲେଙ୍କା, ନିରନ ନାୟକ, କିରଣ ସାହୁ, ସାବିତ୍ରୀ ଚୌଧୁରୀ, ବେଣୁଧର ପାତ୍ର, ମନୋରନ ଦାଶ, କୁମାର ଶ୍ରୀ ଚିରିବ, ସୁଦର୍ଶନ ଦାସ, ଅମୀୟ ପାଣ୍ଡବ, ଦୁର୍ଗା ପାଢ଼ୀ, ବିରେନ ସେନାପତି, ପ୍ରଭାବତୀ ପଟ୍ଟନାୟକ, ଚୈତାଳୀ ପଟ୍ଟନାୟକ, ମନୋରନ ଜେନା, ଅଶୋକ ଦାସ, ବ୍ରହ୍ମାନନ୍ଦ ସାହୁ, ଶ୍ରୀଧର ବଳିଆର ସିଂ, ମିହିର ଆଚାର୍ଯ୍ୟ, କିରଣ ସାହୁ, ଅନୱର ଖାନ, ଗିତାଳି ମହାନ୍ତି, ବୈଜୟନ୍ତି ରାଣୀ ତ୍ରିପାଠୀ, ଉମେଶ ଦାସ, ପ୍ରତିମା ମହାନ୍ତି, ମଂଟୁ ମଲ୍ଲିକ, ମୋହନ ଜେନା, ଅଶିଷ ମଲ୍ଲିକ, ସ୍ୱପନ ସ୍ୱାଇଁ, ସେକ ତାକୱିନ, ରଣଜିତ ପାତ୍ର, ପ୍ରକାଶ ଜେନା, ସୁବ୍ରତ ମହାପାତ୍ର, ଜ୍ଞାନ ରନ ପଟ୍ଟନାୟକ, ଲଲାଟେନ୍ଦୁ ଦାସ, ଚିନ୍ମୟ ବେଉରା, ମିତ୍ରଭାନୁ ମହାପାତ୍ର, ସଂଜୀୟ ତ୍ରିପାଠୀ, ବିଧୁଭୂଷଣ ତ୍ରିପାଠୀ, ସ୍ୱାଧୀନବାଳା ଦାସ, ଜୟଶ୍ରୀ ପାତ୍ର, ପୁଷ୍ପିତା ଦାସ, ଶୁଭଦ୍ରା ମିଶ୍ର, ନିରୁପମା ପାତ୍ର, ମଧୁସ୍ମିତା ଆଚାର୍ଯ୍ୟ, ଆତ୍ମାରାମ ପତି, ସ୍ୱାଗତ କର, ନଳିନୀ ନାୟକ, ଦୀପକ କୁମାର ମହାପାତ୍ର, ଅମିତା ବିଶ୍ୱାଳ, ମଧୁମିତା ସେଠୀ, କାର୍ତିକ କାଣ୍ଡି, ଅମରେଶ ପରିଡ଼ା, ରାଜୀବ ପଟ୍ଟନାୟକ, ବଟକୃଷ୍ଣ ରାଉତରାୟ, ସାଗର ପରିଡ଼ା, ରାଜଲକ୍ଷ୍ମୀ ସାହୁ, ସତ୍ୟସ୍ମିତ ମହାନ୍ତି, ରଣଜିତ ସେନାପତି, ସ୍ନେହା ଜେନା ଏବଂ ବହୁ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ଏହି ଯାତ୍ରା ଫୁଲନଖରା ନିକଟସ୍ଥିତ ଲଖେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପଂହଚିଥିଲା। ଆସନ୍ତା ନଭେମ୍ବର ୧ ଓ ୨ ତାରିଖ ପଦଯାତ୍ରା ଧାମନଗର ଉପନିର୍ବାଚନ ପାଇଁ ବନ୍ଦ ରହିଛି। ନଭେମ୍ବର ୩ ସକାଳେ ଏହି ପଦଯାତ୍ର ଲଖେଶ୍ୱର ମନ୍ଦିରରୁ ଆରମ୍ଭ ହେବ।

## ପାରାଦୀପ ବନ୍ଦର ପକ୍ଷରୁ ରାଷ୍ଟ୍ରିୟ ଏକତା ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସ ତଥା ରାଷ୍ଟ୍ରିୟ ଏକତା ଦିବସ ପାଳିତ ହୋଇଯାଇଛି। ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ୍‌ଙ୍କ ସମେତ ଅନ୍ୟ ଅଧିକାରୀମାନେ ଏହି ଅବସରେ ଲୌହମାନବଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବର୍ତମାନ ସମୟରେ ଲୌହମାନବଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବାକୁ ଶ୍ରୀ ହରନାଦ ସମସ୍ତଙ୍କୁ ନିବେଦନ କରିଥିଲେ। ଗୋପବନ୍ଧୁ ଷ୍ଟାଡିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରେ ରାଷ୍ଟ୍ରିୟ ଏକତା ଦିବସ ଅବସରରେ ଏକ ଗଣ ଦୌଡକୁ ବନ୍ଦର ଅଧ୍ୟକ୍ଷ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହା ପରେ ବନ୍ଦର ପ୍ରଶାସନିକ ଭବନଠାରେ ସେ ବନ୍ଦର ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଷ୍ଟ୍ରିୟ ଏକତା ଦିବସର ଶପଥ ପାଠ କରାଇଥିଲେ। ସଂଧ୍ୟାରେ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ।

## "କାହ୍ନା"ର ୧୬ତମ ଜନ୍ମ ଉତ୍ସବ ପାଳିତ



ଦର୍ପଣ, (ପି.ଏନ୍): ଶାନ୍ତିପୁର ପଂଚାୟତ କୁସୁନପୁର ଗ୍ରାମର ନରହରି ଜେନା ଓ ତାଙ୍କ ଧର୍ମପତ୍ନୀ ହେମଲତା ଜେନାଙ୍କ ନାତି ଓଁ ର (କାହ୍ନା) ୧୬ତମ ଜନ୍ମ ଉତ୍ସବ ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜନ୍ମ ଉତ୍ସବରେ ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ସଭାପତି ଶେଷଦେବ ନାୟକ, ହେମନ୍ତ କୁମାର ସାମଲ, ଚିତରଞ୍ଜନ ମହାପାତ୍ର, ଈଶ୍ୱର ଚନ୍ଦ୍ର ସାମଲ, ଶିବରାମ ସାହୁ ପ୍ରମୁଖ ଅନ୍ୟ କେତେକ ବରିଷ୍ଠ ନାଗରିକ ଯୋଗଦେଇ ପୁତ୍ର ଓ କୁ ଆଶୀର୍ବାଦ କରି ପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କର ଜୀବନ ସୁଖମୟ ଓ ନିରାମୟ ପାଇଁ ପ୍ରାର୍ଥନା କରିଥିଲେ। ସେଠାରେ ଭଜନ ମଣ୍ଡଳି ଦ୍ୱାରା ଭଜନ କରାଯିବା ପରେ ଗାୟକଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏହି ଜନ୍ମଉତ୍ସବ କାର୍ଯ୍ୟକ୍ରମକୁ ପିତା ସୁବୋଧ କୁମାର ଜେନା ଓ ମାତା ନିକିତି ଜେନା ସଂପୂର୍ଣ୍ଣ ଭାବେ ସହଯୋଗ କରିଥିଲେ।

## ପାରାଦୀପ ବିଜେଡି ମହିଳା ସଭାନେତ୍ରୀ ହେଲେ ପ୍ରଭାତି ନାୟକ

ପାରାଦୀପ,(ପି.ଏନ): ବିଜୁ ଜନତା ଦଳର ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଜଗତସିଂହପୁର ଜିଲ୍ଲା କମିଟି ଏବଂସମସ୍ତ ବ୍ଲକ୍ ଓ ମ୍ୟୁନିସିପାଲିଟିର ସଭାନେତ୍ରୀମାନଙ୍କ ନାମ ଘୋଷଣା କରିଛନ୍ତି। ଜିଲ୍ଲା ସଭାନେତ୍ରୀ ସବିତା ମହାପାତ୍ରଙ୍କ ସୁପାରିଶ କ୍ରମେ ଜିଲ୍ଲାର ୫୧ ଜଣିଆ କାର୍ଯ୍ୟକର୍ତା,ବ୍ଲକ୍ ଓ ମ୍ୟୁନିସିପାଲିଟିର ନୂତନ କର୍ମକର୍ତାମାନଙ୍କ ନାମ ଘୋଷଣା କରାଯାଇଛି। ପାରାଦୀପ ମ୍ୟୁନିସିପାଲିଟି ନିମନ୍ତେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ତଥା ପାରାଦୀପ ମ୍ୟୁନିସିପାଲିଟିର ପୂର୍ବତନ ଉପାଧକ୍ଷା ପ୍ରଭାତି ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ସଂପ୍ରତି ପ୍ରଭାତି ନାୟକ ବର୍ତମାନ ପାରାଦୀପ ମ୍ୟୁନିସିପାଲିଟିର ପାରିଷଦ ଭାବେ କାର୍ଯ୍ୟ କରୁଛନ୍ତି। ଏହି ନୂତନ ମହିଳା କର୍ମକର୍ତାମାନେ ସଙ୍ଗଠନକୁ ତୃଣମୂଳ ସ୍ତରରେ ମଜବୁତ କରାଇବାରେ ସହାୟକ ହେବ ବୋଲି ଜିଲ୍ଲା ସଭାନେତ୍ରୀ ସବିତା ମହାପାତ୍ର କହିଛନ୍ତି। ନବନିଯୁକ୍ତ କର୍ମକର୍ତାମାନଙ୍କୁ ଶ୍ରୀମତୀ ମହାପାତ୍ର ଶୁଭେଚ୍ଛା ଜଣାଇଛନ୍ତି।

## ପାରାଦୀପ ବନ୍ଦର ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ

ପାରାଦୀପ, (ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଉଦଘାଟିତ ହୋଇଯାଇଛି। ସୋମବାର ଦିନ ଆୟୋଜିତ କାର୍ଯ୍ୟକ୍ରମକୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଚଳିତ ବର୍ଷର ଆହ୍ୱାନ ରହିଛି ଦୁର୍ନିତୀ ମୁକ୍ତ ଭାରତ ଓ ବିକଶିତ ଭାରତ। ଏହି ଅବସରରେ ଏକ ସଚେତନତା ର୍‍ୟାଲି ପାରାଦୀପ ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରିଥିଲା। ଶ୍ରୀ ହରନାଦ ବନ୍ଦର କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ବନ୍ଦର ପକ୍ଷରୁ ଏକ ସତର୍କତା ସଚେତନତା ରଥର ଶୁଭାରମ୍ଭ କରିଥିଲେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ। ଏହି ସପ୍ତାହ ପାଳନ ଅବସରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇ ଆସନ୍ତା ୬ ତାରିଖ ଦିନ ପୁରସ୍କାର ପ୍ରଦାନ କରାଯିବା ସହିତ ସତର୍କତା ସଚେତନତା ସପ୍ତାହ ଉଦଯାପିତ ହେବ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି।

## ବଡଚଣା ବ୍ଲକ କଂଗ୍ରେସ ପକ୍ଷରୁ ଭାରତ ଜୋଡା ପଦଯାତ୍ରାକୁ ନେଇ ପ୍ରସ୍ତୁତି ବୈଠକ



ଦର୍ପଣ,(ପି.ଏନ): ଭରତ ବର୍ଷର କଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ କଂଗ୍ରେସ ପକ୍ଷରୁ ଭାରତଯୋଡ ପଦଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହିତ ପଦଯାତ୍ରାରେ ସାମିଲ ହେବାପାଇଁ ବଡଚଣା ବ୍ଲକ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତିବୈଠକ ଚଣ୍ଡିଖୋଲସ୍ଥିତ ରାଜୀବ ମେମୋରିୟାଲ କଲଚୁରାଲ ସେଂଟର ଠାରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ ସେଲର ଉପାଧ୍ୟକ୍ଷ ତଥା ବଡଚଣାର କଂଗ୍ରେସ ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇ ଏହି ଭାରତ ଯୋଡ ପଦଯାତ୍ରାରେ ସବୁ କଂଗ୍ରେସ କର୍ମୀମାନେ ଯୋଗ ଦେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଯାଜପୁର ଜିଲ୍ଲାର ମୁଖ୍ୟ ପ୍ରବେଶ ଦ୍ୱାର ବଡଚଣା ନିର୍ବାଚନ ମଣ୍ଡଳିର ୧୬ ନଂ ଜାତୀୟ ରାଜପଥ, ନେଳିଆ ପଂଚାୟତରେ ଆନସ୍ତା ୪ ତାରିଖ ଦିନ ରାଜ୍ୟ କଂଗ୍ରେସର ନେତୃ ମଣ୍ଡଳି ଓ ଅନ୍ୟ କର୍ମକର୍ତା ମାନଙ୍କ କଂଗ୍ରେସ କର୍ମୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଏହି କାର୍ଯ୍ୟକ୍ରମ ୪ ତାରିଖ ଓ ୫ ତାରିଖ ୨ଦିନ ବଡଚଣା ନିର୍ବାଚନ ମଣ୍ଡଳିରେ ପଦଯାତ୍ରା ହେବ। ବଡଚଣାର ସମସ୍ତ କଂଗ୍ରେସ, ଯୁବକଂଗ୍ରେସ ,ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, ସଂଖ୍ୟାଲଘୁ ସେଲ କଂଗ୍ରେସର ସମସ୍ତ ଭାଇମାନେ ଯୋଗ ଦେବାପାଇଁ କ୍ୟାପଟନ ମହାପାତ୍ର ଅନୁରୋଧ କରିତରଲ। ଏହି ପ୍ରସ୍ତୁତି ବୈଠକରେ କାଇମାଟିଆ ଓ କୁନ୍ଦଳ ପଂଚାୟତର ବିଜେଡି ଓ ବିଜେପି ଦଳର କେତେକ କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତିଙ୍ଗ ବୈଠକରେ ପ୍ରାକ୍ତନ ବଡଚଣା ବ୍ଲଖ ଅଧ୍ୟକ୍ଷ ନିରଞ୍ଜନ ସାହୁ, ବ୍ଲକ କଂଗ୍ରେସ ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି ବରଦା ପ୍ରସନ୍ନ ରାୟ, ଛାତ୍ରକଂଗ୍ରେସ ସଭାପତି ସଞ୍ଜିବ ସାମଲ, ସମିତି ସଭ୍ୟ କୁଳମଣି ବାରିକ, ପ୍ରାକ୍ତନ ସରପଂଚ ଦେବେନ୍ଦ୍ର ସାମଲ, ମାନଗୋବିନ୍ଦ ଦାସ, କୃଷକ ନେତା ଗଜେନ୍ଦ୍ର ନାୟକ, ଜିଲ୍ଲା ମତ୍ସ୍ୟଜୀବୀ ସେଲର ଅଧ୍ୟକ୍ଷ ସେଠୀ, ଜୟପ୍ରକଶ ବିଶ୍ୱାଖ, ପ୍ରଦୀପ ନାୟକ, ସୁଧିର ଦସ, ଧୂଳେଶ୍ୱର ରାୟ, ପ୍ରାକ୍ତନ ସରପଂଚ ବିରଂଚି ନାରାୟଣ ସ୍ୱାଇଁ, ଜିଲ୍ଲା ଯୁବକଂଗ୍ରେସ ସଂପାଦକ ନିଳାଦ୍ରୀ ସାମଲ,ସତ୍ୟବ୍ରତ ସାମଲ, ଧର୍ମରାଜ ମହାନ୍ତି, ବିପିନ ଚରଣ ପ୍ରତାପ, ଗୈରାଙ୍ଗ ବ୍ରହ୍ମ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray